# ଭାରସାମ୍ୟ ହରାଇ ଡମ୍ଫରକୁ ପିଟିଲା ତୀର୍ଥଯାତ୍ରୀ ବସ୍, ୧୫ ଆହତ






ବାଲେଶ୍ୱର, ୮ ।୨(ସମିସ):

୬୦ନମ୍ବର ଜାତୀୟ ରାଜପଥ ନିଧିପଣ୍ଡା ଛକ ନିକଟରେ ଆଜି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ପୁରୀରୁ ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିବା ଏକ ତୀର୍ଥଯାତ୍ରୀ ବସ ଭାରସାମ୍ୟ ହରାଇ ରାସ୍ତାରେ ଯାଉଥିବା ଏକ ଡମ୍ଫର ପଛପଟେ ପିଟି ହୋଇଯାଇଥିଲା। ଫଳରେ ବସ୍‌ରେ ଥିବା ତୀର୍ଥଯାତ୍ରୀଙ୍କ ମଧ୍ୟରୁ ୧୫ଜଣ ଆହତ ହୋଇଥିଲେ। ଆହତମାନଙ୍କୁ ସ୍ଥାନୀୟ ଲୋକେ ବସରୁ ଉଦ୍ଧାର କରିବା ସହ ଆମ୍ବୁଲାନ୍ସ ଯୋଗେ ବାଲେଶ୍ୱର ମେଡିକାଲକୁ ପଠାଇଥିଲେ। ଘଟଣା ସ୍ଥଳରେ ଜିଲ୍ଲା ପରିବହନ ଅଧିକାରୀ ରଶ୍ମୀରଞ୍ଜନ ଦଳବେହେରାଙ୍କ ସମେତ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ସାଇକୃଷ୍ଣ ଜେନା ପହଁଚି ଆହତମାନଙ୍କର ଚିକିତ୍ସା କରାଇବା ସହ ସେମାନଙ୍କୁ ଘରକୁ ପଠାଇଥିଲେ। ଆହତମାନେ ହେଲେ ମାଳତୀ ବଗତି(୫୬), ପୂଜା ଖାନ(୧୪), ଧର୍ମଦାସ ଖାନ(୪୫), ମହାଦେବ ବିଟ(୧୭), ଉତ୍ତମ ଦିଆସି(୪୦), ଟିଆ ଖାନ(୩୩), ବିକାଶ ପୁନାର(୨୭), ଅଧୀପ ଦତ(୪୮), ସେକ ଉସମାନ, ରାକେଟ ବିଟଙ୍କ ସମେତ୧୫ଜଣ ରହିଛନ୍ତି। ଏହି ଆହତମାନଙ୍କ ଘର ହେଉଛି ପଶ୍ଚିମବଙ୍ଗ ରାଜ୍ୟ ସୁନାମୁଖି ଥାନା ଅର୍ନ୍ତଗତ ବାଙ୍କୁଡା ଗ୍ରାମରେ। ସୂଚନା ଅନୁସାରେ, ଏକ ବସ୍ ବାଙ୍କୁଡା ଗ୍ରାମରୁ ପାଖାପାଖି ୬୦ଜଣ ତୀର୍ଥଯାତ୍ରୀଙ୍କୁ ଧରି ତୀର୍ଥରେ ଯାଇଥିଲା। ଏହି ବସ୍ ଆଜି ପୁରୀରୁ ପଶ୍ଚିମବଙ୍ଗ ଅଭିମୁଖେ ଫେରୁଥିବା ବେଳେ ୬୦ନମ୍ବର ଜାତୀୟ ରାଜପଥ ନିଧିପଣ୍ଡା ଛକ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ବସ୍ ଡ୍ରାଇଭରର ଆଖି ଲାଗିଯିବା କାରଣରୁ ବସଟି ଭାରସାମ୍ୟ ହରାଇ ଆଗରେ ଯାଉଥିବା ଏକ ଡମ୍ଫର ପଛରେ ପିଟି ହୋଇଯାଇଥିଲା। ଏହି ଦୁର୍ଘଟଣା ଆଜି ଭୋର ୪ଟା ସମୟରେ ଘଟିଥିଲା। ଡମ୍ଫରରେ ପିଟିହେବା ପରେ ଡ୍ରାଇଭର ବସ୍‌ଟିକୁ ଡାହାଣ ଆଡକୁ କାଟିଦେବା ଫଳରେ ଗାଡ଼ିଟି ଓଲଟି ପଡ଼ିଥିଲା। ହେଲେ ଦୁର୍ଘଟଣା ଘଟାଇ ବସ୍ ଡ୍ରାଇଭର ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲା। ସ୍ଥାନୀୟ ଲୋକେ ଆହତମାନଙ୍କୁ ବସ୍‌ରୁ ଉଦ୍ଧାର କରି ଆମ୍ବୁଲାନସ ଯୋଗେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ତେବେ ଖବର ପାଇ ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀ ଏବଂ ଜିଲ୍ଲା ଜରୁରୀ ଅଧିକାରୀ ମେଡିକାଲରେ ପହଁଚି ଆହତମାନଙ୍କୁ ଚିକିତ୍ସା କରାଇବା ସହ ଜିଲ୍ଲା ପ୍ରଶାସନକୁ ସେମାନଙ୍କୁ ଖାଇବା ପାଇଁ ଦେଇଥିଲେ। ଏପରିକି ଆହତମାନଙ୍କ ମଧ୍ୟରୁ ୮ଜଣ ଗୁରୁତରଙ୍କୁ ଏକେ ବୋଲେରୋ ଯୋଗେ ପଶ୍ଚିମବଙ୍ଗ ପଠାଇଥିବା ବେଳେ ଅନ୍ୟମାନଙ୍କୁ ଏକ ବସ୍ ଯୋଗେ ସେମାନଙ୍କ ଘରକୁ ପଠାଇଥିଲେ। ପରେ ଜିଲ୍ଲାପ୍ରଶାସନ ଦୁର୍ଘଟଣା ସ୍ଥଳରୁ କ୍ରେନ ଯୋଗେ ବସଟିକୁ ଉଠାଇଥିଲେ।

## ଭାଷା ସମ୍ପର୍କିତ କବିତା ପାଠୋତ୍ସବ ଓ ଆଲୋଚନା



ବାଲେଶ୍ୱର, ୮ ।୨(ସମିସ): 'ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ' ପକ୍ଷରୁ 'ମୋ ଭାଷା ଓଡ଼ିଆ, ଭାରି ବଢ଼ିଆ' ଶୀର୍ଷକ କବିତା ପାଠୋତ୍ସବ ଓ ଆଲୋଚନାଚକ୍ର ପଢୁଆଁପଦାସ୍ଥିତ ଅନୁଷ୍ଠାନର କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଭାଷା ବିକାଶ ଆନ୍ଦୋଳନର ଉପ ସଭାପତି ଶରତଚନ୍ଦ୍ର ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ସଭାରେ ମୁଖ୍ୟ ବକ୍ତା ଭାବେ ଫକୀରମୋହନ ସାହିତ୍ୟ ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଯୋଗାଦେଇଥିବା ବେଳେ ସମ୍ମାନିତ ବକ୍ତା ଭାବେ ଶିକ୍ଷାବିତ ପ୍ରାଧ୍ୟାପକ ଡ. ଶିରୀଶଚନ୍ଦ୍ର ଜେନା ଯୋଗ ଦେଇ ଓଡ଼ିଆ ଭାଷାର ବୈଶିଷ୍ଟ୍ୟ, ପ୍ରାଚୀନତା ତଥା ଶାସ୍ତ୍ରୀୟତା ସମ୍ପର୍କରେ ଆଲୋଚନା କରିଥିଲେ। ସ୍ତମ୍ଭକାର ତପନ ରାୟଙ୍କ ସଂଯୋଜନାରେ କଲ୍ୟାଣୀ ନନ୍ଦ, କୃଷ୍ଣା ପ୍ରଧାନ, ସ୍ନିଗ୍ଧା ସାମନ୍ତରାୟ, ଶାନ୍ତିଲତା ପଣ୍ଡା, ପଣ୍ଡିତ ସଞ୍ଜୟ କୁମାର ପଣ୍ଡା, ପ୍ରଭାକର ସାହୁ, ଡ ରତ୍ନାକର ସିଂହ, ଡ ସାରଙ୍ଗଧର ତ୍ରିପାଠୀ, ଦୀନବନ୍ଧୁ ଲେଙ୍କା, ଜ୍ୟୋତ୍ସ୍ନା ରାୟ ପ୍ରମୁଖ ଓଡ଼ିଆ ଭାଷା ସମ୍ପର୍କୀତ ସ୍ୱରଚିତ କବିତାମାନ ପାଠ କରିଥିଲେ। ଭାଷା ବିକାଶ ଆନ୍ଦୋଳନର ସମ୍ପାଦକ ଗାଳ୍ପିକ ନିବାରଣ ଜେନା ସମଗ୍ର କାର୍ଯ୍ୟକ୍ରମଟିର ସମ୍ପାଦନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁବ୍ରତା ମହାନ୍ତି, ପୁଷ୍ପଲତା ଚକ୍ରବର୍ତ୍ତୀ, ନିରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ଟାଟା ଷ୍ଟିଲ୍ ଫାଉଣ୍ଡେସନ ପକ୍ଷରୁ ବହୁବିଧ ଦକ୍ଷତା କେନ୍ଦ୍ର ଉଦ୍‌ଘାଟିତ



ବାଲେଶ୍ୱର, ୮।୨(ସମିସ): ଟାଟା ଷ୍ଟିଲ୍ ଫାଉଣ୍ଡେସନ (ଟିଏସ୍‌ଏଫ୍) ଓ ସୁବର୍ଣ୍ଣରେଖା ପୋର୍ଟ ପ୍ରାଇଭେଟ ଲିମିଟେଡ (ଏସ୍‌ପିପିଏଲ୍) ପକ୍ଷରୁ ବାଲିଆପାଳଠାରେ ଏକ ବହୁବିଧ ଦକ୍ଷତା କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହରେ ଏସ୍‌ପିପିଏଲ୍‌ର ଏକ୍ସିକ୍ୟୁଟିଭ୍ ଡାଇରେକ୍ଟର ସୁଶାନ୍ତ କୁମାର ସିଂହ, ଟାଟା ଷ୍ଟିଲ୍ ଫାଉଣ୍ଡେସନର ସିଇଓ ସୌରଭ ରାୟ ଓ ଉଭୟସଂସ୍ଥାରଅନ୍ୟବରିଷ୍ଠଅଧିକାରୀମାନେ ଉପସ୍ଥିତ ଥିଲେ। ବାଲିଆପାଳ ଶାରିରୀକ ଶିକ୍ଷା ମହାବିଦ୍ୟାଳୟ (ବାଲିଆପାଳ କଲେଜ ଅଫ୍ ଫିଜିକାଲ ଏଜୁକେସନ) ପରିସର ଭଳି ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଥିବା ଏହି କେନ୍ଦ୍ରରେ ଦୁଇଟି ଉତ୍ସର୍ଗୀକୃତ ଶ୍ରେଣୀ ଗୃହ ଓ କାର୍ଯ୍ୟାଳୟ ଏବଂ ଅତିରିକ୍ତ ଲ୍ୟାବ ସୁବିଧା ବିକାଶ କରିବା ଭଳି ଭବିଷ୍ୟତ ସମ୍ପ୍ରସାରଣ ଲାଗି ମଧ୍ୟ ବ୍ୟବସ୍ଥା ରହିଛି। ସ୍ଥାନୀୟ ଯୁବବର୍ଗଙ୍କ ଆବଶ୍ୟକତା ଓ ଅଭିଳାଷକୁ ପୂରଣ କରିବା ଲାଗି ପ୍ରସ୍ତୁତ ଏହି କେନ୍ଦ୍ରରେ ପ୍ରାରମ୍ଭିକ ପର୍ଯ୍ୟାୟରେ ରିଟେଲ୍ ଟ୍ରେଡ଼ ଉପରେ ଗୁରୁତ୍ୱ ଦିଆଯିବ। ଯୁବବର୍ଗଙ୍କୁ ନେଇ କରାଯାଇଥିବା ଏକ ସର୍ବେକ୍ଷଣରୁ ଏହା ଏକ ସମ୍ଭାବନାପୂର୍ଣ୍ଣ କ୍ଷେତ୍ର ବୋଲି ଚିହ୍ନଟ କରାଯାଇଛି। ଦକ୍ଷତା ବିକାଶରେ ବିଶେଷତା ପାଇଁ ପରିଚିତ ଏକ୍ସେଲସ୍ ଲର୍ଣ୍ଣିଂ ସଲ୍ୟୁସନ୍ସ ପ୍ରାଇଭେଟ୍ ଲିମିଟେଡ଼ (କ୍ସେସ୍ କର୍ପ) ସହଯୋଗିତାରେ ଟିଏସ୍‌ଏଫ୍ ପକ୍ଷରୁ ନିଯୁକ୍ତିଭିତିକ କାର୍ଯ୍ୟକ୍ରମ ଜରିଆରେ ଯୁବପିଢ଼ିଙ୍କୁ ସଶକ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି। ରିଟେଲ୍ ଟ୍ରେଡ଼ ପାଠ୍ୟକ୍ରମରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ଏବଂ ଏଥିରେ ବ୍ୟାଙ୍କିଙ୍ଗ୍, ଆର୍ଥିକ ସେବା ଓ ବୀମା (ବିଏଫ୍‌ଏସଆଇ) ପାଠ୍ୟକ୍ରମକୁ ଭବିଷ୍ୟତରେ ଯୋଡ଼ିବାକୁ ଲକ୍ଷ୍ୟ ରଖାଯାଇଛି। ବିଭିନ୍ନ ଟ୍ରେଡ଼ରେ ୨୪୦ ଯୁବକ ଯୁବତୀଙ୍କ ଆବଶ୍ୟକତା ପୂରଣ କରିବା ଭଳି ବାର୍ଷିକ କ୍ଷମତା ସହିତ ଏହି କେନ୍ଦ୍ର ନିଯୁକ୍ତି ସମ୍ଭାବନାରେ ଉନ୍ନତି ଆଣିବା ଓ ଏହି ଅଞ୍ଚଳର ସାମାଜିକ ଅର୍ଥନୈତିକ ବିକାଶର ପ୍ରସାର କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଉପସ୍ଥାପନ କରିବ। ଏହି ଉପକ୍ରମକୁ ସୁଗମ ତଥା ସହଜସାଧ କରିବା ପାଇଁ ପ୍ରାରମ୍ଭିକ ପର୍ଯ୍ୟାୟରେ କେନ୍ଦ୍ର ପକ୍ଷରୁ ପ୍ରଶିକ୍ଷାର୍ଥୀମାନଙ୍କ ପାଇଁ ପ୍ରଥମ ବର୍ଷରେ ୧୨, ୫୦୦ ଟଙ୍କ କୋର୍ସ ଫି' ପ୍ରଦାନ କରାଯିବ। ପରେ ପରେ ପ୍ରଶିକ୍ଷାର୍ଥୀଙ୍କ ସଂଖ୍ୟା ଓ ଅନ୍ୟାନ୍ୟ ଦିଗଗୁଡ଼ିକୁ ବିବେଚନା କରି ଅନ୍ୟ ବର୍ଷର କୋର୍ସ ଫି' ଯୋଗାଡ କରିବାର ବ୍ୟବସ୍ଥା ମଧ କରାଯିବ।

## ରାଇବଣିଆ ଲୋକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

ରାଇବଣିଆ, ୮।୨ (ସମିସ): ଗ୍ରାମାଞ୍ଚଳର ଛୋଟ ଛୋଟ ପିଲା ମାନଙ୍କର ଲୁକାୟିତ ପ୍ରତିଭାକୁ ଆଗକୁ ଆଣିବା ଓ ନିଜ ନିଜ ଅଞ୍ଚଳର ସଂସ୍କୃତି, ଐତିହ୍ୟ, ପରମ୍ପରାକୁ ଲୋକ ମହୋତ୍ସବ ମାଧ୍ୟମରେ ପ୍ରଦର୍ଶନ ଏକ ବଡ ମାଧ୍ୟମ ସେଥିପାଇଁ ଗାଁଠାରୁ ସହର ପର୍ଯ୍ୟନ୍ତ ଉତ୍ସବ ମୁଖର ହୋଇ ପାରିଛି ଲୋକ ମହୋତ୍ସବ। ରାଇବଣିଆର ହେଲିପେଡ୍ ପଡ଼ିଆରେ ଆଜି ସନ୍ଧ୍ୟା ସମୟରେ ଲୋକେ ମହୋତ୍ସବରର ଦ୍ୱିତୀୟ ସନ୍ଧ୍ୟା ଉଦ୍‌ଯାପିତ ହୋଇ ଯାଇଛି। ଏହି ସନ୍ଧ୍ୟାରେ ମଞ୍ଚ ପରିଚାଳନା କରିଥିଲେ ବଂଶୀଧର ବାରିକ୍। ଆଜିର ସଭାରେ ସଭାପତିତ୍ୱ କରିଥିଲେ ସୁକୁମାର ପ୍ରଧାନ, ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ ଜଳେଶ୍ୱର ଏସଡିପିଓ ଦିଲ୍ଲୀପ କୁମାର ସାହୁ ଏବଂ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଜଳେଶ୍ୱର ନଗର ପାଳ ପ୍ରତୀପ କୁମାର ପ୍ରଧାନ, ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ ଓଡ଼ିଆ ବିଶ୍ୱବିଦ୍ୟାଳୟ ସତ୍ୟବାଦୀ ପୁରୀର ପ୍ରଫେସର ଡ. ରାଧାଗୋବିନ୍ଦ କୁଇଲା ପ୍ରମୁଖ ଉପସ୍ଥିତ ରହି କିପରି ଏହି ଲୋକ ମହୋତ୍ସବ ଆଗାମୀ ଦିନରେ ଆହୁରି ସରସ ସୁନ୍ଦର ରାଇବଣିଆ ଦୁର୍ଗ ପରିଚୟକୁ ଦେଶ ବିଦେଶରେ ପରିଚିତ କରିହେବ ସମସ୍ତ ଏକ ହୋଇ ଆଗକୁ ବଢ଼ିବାରେ ସହଯୋଗ କରପାରିବେ ସେ ବିଷୟରେ ଆଲୋଚନା କରିଥଲେ।

# ପ୍ରଜାପତିର ସଂସ୍କୃତି ଶାଖା 'ସଂସ୍କାର'ର ଉଦ୍‌ଘାଟନୀ ଉତ୍ସବ




ବାଲେଶ୍ୱର, ୮।୨(ସମିସ): ଶିକ୍ଷା ଓ ଜ୍ଞାନର ଦିବ୍ୟଜ୍ୟୋତି ପ୍ରଜାପତି ଅନୁଷ୍ଠାନର ସଂସ୍କୃତି ଶାଖା 'ସଂସ୍କାର'ର ଶୁଭ ଉଦଘାଟନ ସହ ଜଗନ୍ନାଥ ଭାବଭକ୍ତିରେ ଅମୃତ ଆଲୋଚନାଚକ୍ର ଆତିଥ୍ୟ ସମ୍ମିଳନୀ କକ୍ଷରେ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଆମ ମାଟିର ସଂସ୍କୃତି ଓ ସଂସ୍କାରକୁ ଗୁରୁତ୍ୱ ଦେଇ ଶିକ୍ଷାଦାନ କରୁଥିବା ନୃତ୍ୟ, ସଙ୍ଗୀତ ଓ ଯନ୍ତ୍ର ସଙ୍ଗୀତର ୮ ଜଣ ଗୁରୁ ଓ ୧୦ ଜଣ ଶିକ୍ଷାର୍ଥୀ ମିଳିତଭାବେ ଏହି ଉତ୍ସବକୁ ଉଦଘାଟନ କରିଥିଲେ। ଅତିଥି ଭାବେ ଶିକ୍ଷାବିତ୍ ତଥା ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧକ୍ଷ ପ୍ରଫେସର ହରେକୃଷ୍ଣ ସାହୁ ଓ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷ ଦିଲୀପ କୁମାର ଘୋଷ ଯୋଗଦାନ କରି ଗୁରୁ ଓ ଶିକ୍ଷାର୍ଥୀମାନଙ୍କୁ ସମ୍ମାନ ପ୍ରଦାନ କରିଥିଲେ। ଉତ୍ସବରେ ଅଧକ୍ଷତା କରି ପ୍ରତିଷ୍ଠାତା କବି ପ୍ରଶାନ୍ତ ଦାସ କହିଲେ ଏକ ମାର୍ଜିତ ସାଂସ୍କୃତିକ ପରିବେଶ ମଣିଷ ମନରେ ଶାନ୍ତି ଭରି ଗୋଟିଏ ମାଟି ଓ ଜାତିର ସଂସ୍କୃତିକୁ ରକ୍ଷା କରିଥାଏ। 'ସଂସ୍କାର' ଆଗାମୀ ଦିନରେ ଏଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଆୟୋଜନ କରିବାକୁ ପ୍ରତିଶ୍ରୁତିବଦ୍ଧ। ଏହି ଉତ୍ସବରେ ୮ ଜଣ ଗୁରୁ ଓ ୧୦ ଜଣ ଶିକ୍ଷାର୍ଥୀଙ୍କୁ ସମ୍ମାନ ପ୍ରଦାନ କରାଯାଇଥିଲା। ଗୁରୁ ଅମୃତାଂଶୁ ପଟ୍ଟନାୟକ, ଗୁରୁ ସତ୍ୟରଞ୍ଜନ ମହାନ୍ତିଙ୍କୁ ସଂସ୍କାର ସ୍ୱର ସମ୍ମାନ; ଗୁରୁ ନନ୍ଦକିଶୋର ଦାସ, ଗୁରୁ ଅଜିତାନନ୍ଦ ଦେବଗୋସ୍ୱାମୀଙ୍କୁ ସଂସ୍କାର ନାଦ ସମ୍ମାନ; ଗୁରୁ ସତ୍ୟନାରାୟଣ ଦାଶ, ପ୍ରଦୀପକୁମାର ବେହେରା, ବସନ୍ତକୁମାର ଭୋଇଙ୍କୁ ସଂସ୍କାର ନୃତ୍ୟ ସମ୍ମାନ ଓ ଗୁରୁ ରବୀନ୍ଦ୍ରକୁମାର ବିଶ୍ୱାଳଙ୍କୁ ସଂସ୍କାର ଗୀତ ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ଶିଶୁ ନୃତ୍ୟଶିଳ୍ପୀ ସୌମ୍ୟାଶ୍ରୀ ବାରିକ, ଅନୁଷ୍କା ପଣ୍ଡା, ସାଇଶ୍ରୀ ପାଣି, ଇପ୍‌ସିତା ସ୍ୱାଇଁ, ସୁଚିସ୍ମିତା ନାୟକ, କ୍ରିତିକା ସାହା, ସାନ୍‌ଭି ବିଶ୍ୱାଳ, ସାଇସ୍ନିଗ୍ଧା ପ୍ରିୟଦର୍ଶିନୀ ଜେନା, କ୍ଷୀତେଶ୍ୱରୀ ସାହୁ ଓ ସଙ୍ଗୀତ ପାଇଁ ପ୍ରତିଭାବାନ ଶିଳ୍ପୀ ଶ୍ୱେତାଲିସା ଶୁଭଦର୍ଶିନୀଙ୍କୁ 'ସଂସ୍କାର' ଆଶିଷ ଅର୍ପଣ ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ବିପ୍ଳବ ଦାସ ମହାପାତ୍ର, ରାଜେଶ ଗିରି, ଜୀବନଜ୍ୟୋତି ସ୍ୱାଇଁ ଓ ଅମରଜିତ ଦାସ ଆଲୋଚନାଚକ୍ର ଓ ଆୟୋଜିତ ଉତ୍ସବ ସମ୍ପର୍କରେ ନିଜ କଥା କହିଥିବା ବେଳେ ପୂର୍ଣ୍ଣଚନ୍ଦ୍ର ମହାନ୍ତି ବକ୍ତାଭାବେ ଶ୍ରୀଜଗନ୍ନାଥଙ୍କ ଉପରେ ନିଜର ଭାବମୟ ବକ୍ତବ୍ୟ ରଖିଥିଲେ। ଉତ୍ସବକୁ ସଫଳ କରିବା ପାଇଁ ପାର୍ଥସାରଥୀ ସାହୁ, ସରସ୍ୱତୀ ଭୋଇ, ପ୍ରତିମା ତ୍ରିପାଠୀ, ରଶ୍ମିତା ଆଚାର୍ଯ୍ୟ, ସୁଜାତା ଦାସ, ପ୍ରେୟସୀ ମହାପାତ୍ର, ରଞ୍ଜନା ଘୋଷ, ସନ୍ତୋଷ ଦଳେଇ, ନନ୍ଦିତା ନାୟକ, ମଧୁସୂଦନ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ରଶ୍ମି ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀରାଧାକୃଷ୍ଣ ହିନ୍ଦୀ ବିଦ୍ୟାଳୟର ବାର୍ଷିକ ଉତ୍ସବ




ବାଲେଶ୍ୱର, ୮।୨(ସମିସ): ଜିଲ୍ଲାର ଅନ୍ୟତମ ପୁରାତନ ଶିକ୍ଷାନୁଷ୍ଠାନ ମୋତିଗଞ୍ଜ ବଜାରସ୍ଥିତ ଶ୍ରୀ ରାଧାକୃଷ୍ଣ ହିନ୍ଦୀ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମଧୁସ୍ମିତା ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବକୁ ବରିଷ୍ଠ ସମାଜସେବୀ ମଦନ ମୋହନ ଖଣ୍ଡେଲୱାଲ ଉଦଘାଟନ କରି ପିଲାମାନଙ୍କ ଭବିଷ୍ୟତ ଗଢିବା ପଛରେ ଶିକ୍ଷକ ଶିକ୍ଷୟତ୍ରୀଙ୍କର ଯେତିକି ଭୂମିକା ଥାଏ ମା'ମାନଙ୍କର ମଧ୍ୟ ଭୂମିକା ସେତିକି ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ବିଦ୍ୟାଳୟର ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷୟତ୍ରୀ ଅଥିତି ଭାବେ ଯୋଗଦେଇ କହିଥିଲେ ପିଲାମାନେ କର୍ମଠ ଓ ନିଷ୍ଠାବାନ ହୁଅନ୍ତୁ। ଆଲୁମନିର ସଭାପତି ଓମପ୍ରକାଶ ଅଗ୍ରୱାଲ ନିଜର ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ଶିକ୍ଷୟତ୍ରୀ ମୋନାଲିସା ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ଶାନ୍ତି ସ୍ୱରୂପ ମିଶ୍ର ସଭା ଆରମ୍ଭରୁ ଶେଷ ଯାଏ ସଭାକୁ ସଂଯୋଜନା କରିଥିଲେ। ଶେଷରେ ବରିଷ୍ଠ ଶିକ୍ଷୟତ୍ରୀ ଅନିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ କର୍ମଚାରୀମାନେ ଏହି କାଯ୍ୟକ୍ରମରେ ସମ୍ପୂର୍ଣ ସହଯୋଗ କରିଥିଲେ।

## ଟ୍ରକ୍ ଧକ୍କାରେ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଲା

ରୂପସା, ୮।୨ (ସମିସ): ବସ୍ତା ବ୍ଲକ ଜମାଲପୁର ବିଦ୍ୟୁତ କେବୁଲ ରାସ୍ତାରେ ଓହଳିଥିବା ସ୍ଥଳେ ବେପରୁଆ ଟ୍ରକ୍ ଚାଳକ କ୍ଷିପ୍ର ଗତିରେ ଗାଡି ଚଳାଇବା ଫଳରେ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ଯାଇଥିଲା ଫଳରେ ଦୁଇଜଣ ଯୁବକ ଅଳ୍ପକେ ବର୍ତ୍ତି ଯାଇଥିଲେ। ସୂଚନାରୁ ପ୍ରକାଶ, ଗ୍ରାମର ଗଙ୍ଗାଧର ବେହେରାଙ୍କ ଦୋକାନ ସମ୍ମୁଖରେ ଥିବା ବିଦ୍ୟୁତ୍ ତାର ରାସ୍ତାରେ ଝୁଲି ରହିଥିଲା ବେଳେ ରାସ୍ତା ରେ କଂକ୍ରିଟ ମସଲା ନେଇ ଯାଉଥିବା ଟ୍ରକଟି ତାରରେ ବାଜି ବିଦ୍ୟୁତ ଖୁଣ୍ଟି ଭାଙ୍ଗି ଯାଇଥିଲା। ଫଳରେ ବିଦ୍ୟୁତ୍ ଖୁଣ୍ଟଟି ଭାଙ୍ଗି ପାଖରେ ଥିବା ତୁଳସୀ ଚଉରା ଉପରେ ପଡ଼ିଥିବାର ଦେଖିବାକୁ ମିଳିଥିଲା। ତୁଳସୀ ଚଉରା ଉପରେ ବସିଥିବା ଦୁଇ ଯୁବକ ଅଳ୍ପକେ ବର୍ତ୍ତି ଯାଇଥିଲେ। ଏହିଭଳି ଗାଁ ସାହିରେ ତାର ଓହଳି ରହିଥିବାରୁ ସର୍ବସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

**କମର୍ଦ୍ଦା ଚଣ୍ଡିମାତା ଜାଗରଣ ଉତ୍ସବର ଚତୁର୍ଥ ସନ୍ଧ୍ୟା**

# ଅତୀତର ସାଂସ୍କୃତିକ ପୃଷ୍ଠଭୂମି ଉପରେ ସମାଜର ବିକାଶ ଗତିଶୀଳ




ଭୋଗରାଇ, ୮।୨ (ସମିସ) :

ବାଲେଶ୍ୱର ଜିଲ୍ଲା ସମେତ ଭୋଗରାଇର ସଂସ୍କୃତି ଓ ପରମ୍ପରା ଅତ୍ୟନ୍ତ ସୁଦୃଢ଼। ଯେଉଁ ଅଞ୍ଚଳର ସଂସ୍କୃତି ଯେତେ ସୁଦୃଢ ସେହି ଅଞ୍ଚଳ ସେତେ ବିକଶିତ। ଅତୀତର ସଂସ୍କୃତିକୁ ଭିତ୍ତିକରି ସମ୍ପୃକ୍ତ ଅଞ୍ଚଳର ସାମଗ୍ରୀକ ବିକାଶ ଗତିଶୀଳ ହୋଇଛି। ସାମାଜିକ ବ୍ୟବସ୍ଥା ଠାରୁ ଆରମ୍ଭ କରି ଶିକ୍ଷା, କଳା, ଗବେଷଣା, ସ୍ୱାସ୍ଥ୍ୟ, ଶିଳ୍ପ ପର୍ଯ୍ୟନ୍ତ ସମସ୍ତ ସ୍ତରର ସାମଗ୍ରିକ ବିକାଶ ଅତୀତର ସାଂସ୍କୃତିକ ପୃଷ୍ଠଭୂମି ଉପରେ ନିର୍ଭରଶୀଳ ବୋଲି କମର୍ଦ୍ଦା ଚଣ୍ଡିମାତା ଜାଗରଣ ଉତ୍ସବ-୨୦୨୪ର ଚତୁର୍ଥ ସାନ୍ଧ୍ୟ ସଭାରେ ମତପ୍ରକାଶ ପାଇଛି। ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ ତଥା କମର୍ଦ୍ଦା ପୂଜ୍ୟପୂଜା ପରିଷଦର ସମ୍ପାଦକ କବି କିଶୋରୀ କିଙ୍କର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଚତୁର୍ଥ ସାନ୍ଧ୍ୟ ସଭାରେ ମୁଖ୍ୟ ଅତିଥି ଭାବେ ଭୋଗରାଇ ତହସିଲଦାର ହିମାଂଶୁ ଶେଖର ଗିରି ଯୋଗଦେଇ ଉତ୍ସବ ସମ୍ପୃକ୍ତ ଅଞ୍ଚଳବାସୀଙ୍କୁ ଚେତନାଦୀପ୍ତ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ କମର୍ଦ୍ଦା ସୁରେନ୍ଦ୍ର ନାଥ ଜୁନିୟର କଲେଜର ଅଧକ୍ଷ ସରୋଜ ରଞ୍ଜନ ସେନାପତି ଯୋଗଦେଇ ବର୍ତ୍ତମାନ ସମୟରେ ସାଂସ୍କୃତିକ ନବଜାଗରଣ ଯୋଗୁଁ ସମାଜ ବ୍ୟବସ୍ଥାର ବିଶାଳ ପରିବର୍ତ୍ତନ ହୋଇଛି ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିଳ୍ପପତି ଅଂଶୁମାନ ମହାନ୍ତି ଯୋଗଦେଇ ଉତ୍ସବ ଭାଇଚାରା ଓ ଶୃଙ୍ଖଳା ସୃଷ୍ଟି କରେ ବୋଲି ମତବ୍ୟକ୍ତ କରିଥିଲେ। ସମ୍ବର୍ଦ୍ଧିତ ପ୍ରତିଭା ଭାବେ ଭୋଗରାଇ ପ୍ରେସ କ୍ଲବ ସଭାପତି ସାମ୍ବାଦିକ ଅମର ମହାନ୍ତି, ବରିଷ୍ଠ ଉପଦେଷ୍ଟା ସାମ୍ବାଦିକ ପ୍ରଦୀପ ଦାସ, ଉପ ସଭାପତି ସାମ୍ବାଦିକ ବିକାଶ ପାଣିଗ୍ରାହୀ ଓ କୋଷାଧକ୍ଷ ସାମ୍ବାଦିକ ଶମ୍ଭୁନାଥ ଦାସ ଯୋଗ ଦେଇ ଭୋଗରାଇର ସୁଦୃଢ ଐତିହ୍ୟ ଓ ସାଂସ୍କୃତିକ ପରମ୍ପରାର ସୁରକ୍ଷା ପାଇଁ ଉଦ୍ୟମୀ ହେବାକୁ ଆହ୍ୱାନ ଦେଇଥିଲେ। ଉତ୍ସବ କମିଟିର ସଦସ୍ୟ କବି ମଳୟ କୁମାର ସୁର ସ୍ୱାଗତ ଭାଷଣ ପ୍ରଦାନ କରିଥିଲା ବେଳେ ଶିକ୍ଷକ ରତନ ଦତ୍ତ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭା ପୂର୍ବରୁ ସ୍କୁଲ ପିଲାଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ କମର୍ଦ୍ଦା ଶ୍ରଦ୍ଧା କ୍ରିଏଟିଭ ଆର୍ଟସର କଳାକାର ମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।




ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କୁଲାଡ଼, ଗଞ୍ଜାମ

ନାମଲେଖା ବିଜ୍ଞାପନ- ୨୦୨୪-୨୫

ଏତଦ୍ୱାରା ସର୍ବସାଧାରଣଙ୍କୁ ଅବଗତି କରାଇ ଦିଆଯାଉଛି ଯେ, ୨୦୦୯ ଶିକ୍ଷା ଆଇନ ତଥା ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ୧ମ ଶ୍ରେଣୀରେ ପ୍ରବେଶ ନିମନ୍ତେ RTE Act (Section P-9.I.C) ଆଇନ ଅନୁଯାୟୀ ୨୫% ସ୍ଥାନ ବିନା ଶୁଳ୍କ SC, ST, SEBC, CWSN, B.P.L (ଅନୁସୂଚିତ ଜାତି, ଅନୁସୂଚିତ ଉପଜାତି, ସାମାଜିକ ଅନଗ୍ରସର ଓ ଶିକ୍ଷା କ୍ଷେତ୍ରରେ ପଛୁଆ ବର୍ଗ ଏବଂ ଆର୍ଥିକ ଦୁର୍ବଳ ଶ୍ରେଣୀର) ଶିଶୁମାନେ ହିଁ ଯୋଗ୍ୟ ବିବେଚିତ ହୋଇପାରିବେ । ଏହି ବର୍ଗର ଶିଶୁମାନେ ତା. ୨୨.୦୨.୨୦୨୪ରିଖ ଠାରୁ ୨୦.୦୩.୨୦୨୪ରିଖ ପର୍ଯ୍ୟନ୍ତ (୧ମ ପର୍ଯ୍ୟାୟ) ଓ ତା.୧୦.୦୪.୨୦୨୪ରିଖ ଠାରୁ ତା.୨୪.୦୪.୨୦୨୪ରିଖ (୨ୟ ପର୍ଯ୍ୟାୟ) ଓ ଓଡ଼ିଶା ସରକାରଙ୍କ www.rteparadarshi.gov.in website ମାଧ୍ୟମରେ ଆବେଦନ କରିପାରିବେ। ଶ୍ରେଣୀର ମୋଟ ଆସନ ସଂଖ୍ୟା ୬୦ ଅଟେ। ଉକ୍ତ ଆସନ ମଧ୍ୟରୁ ୨୫% ସ୍ଥାନ ହିସାବରେ ୧୫ ଗୋଟି (କେବଳ ୧ମ ଶ୍ରେଣୀ)ର ଆସନ ସଂରକ୍ଷଣ ଅଛି ।

ବି.ଦ୍ର.: ଉପଯୁକ୍ତ ପ୍ରମାଣପତ୍ର ଦାଖଲ କରିବା ଅନିବାର୍ଯ୍ୟ ଅଟେ।

ସା- ପ୍ରଧାନ ଆଚାର୍ଯ୍ୟ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କୁଲାଡ଼
ଯୋଗାଯୋଗ- ୯୯୩୮୭୨୫୦୦୩, ୯୭୩୯୩୬୭୯୨୦୮

## କନ୍‌ଷ୍ଟ୍ରକସନ କମ୍ପାନୀ ସୁପରଭାଇଜରଙ୍କ ମୃତ୍ୟୁ

ଭୋଗରାଇ, ୮।୨ (ସମିସ) : ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ବିଲଡିଂ ନିର୍ମାଣରେ ନିୟୋଜିତ କନ୍‌ଷ୍ଟ୍ରକସନ କମ୍ପାନୀର ସୁପରଭାଇଜରଙ୍କ ହୃଦଘାତରେ ମୃତ୍ୟୁ ହୋଇଯାଇଛି। ମୃତ ସୁପରଭାଇଜର ହେଲେ ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ଅନ୍ତର୍ଗତ ବାରବାଟି ଗ୍ରାମର ବଳଭଦ୍ର ପରିଡ଼ାଙ୍କ ପୁଅ ମହେଶ୍ୱର ପରିଡ଼ା (୫୦)।

ଗୁରୁବାର ସକାଳେ ମହେଶ୍ୱର ଶୌଚ ହେବା ପାଇଁ ଡାକ୍ତରଖାନା ପରିସରରେ ଥିବା ଶୌଚାଳୟକୁ ଯାଇଥିଲେ। ସେଠାରୁ ବାହାରିବା ପରେ ତାଙ୍କ ମୁଣ୍ଡ ବୁଲାଇବା ସହ ଶରୀର ଝିମ୍ ଝିମ୍ ହେଉଛି ବୋଲି ସେଠାରେ କାର୍ଯ୍ୟରତ ଜନୈକ ଶ୍ରମିକକୁ କହିଥିଲେ। ସଙ୍ଗେ ସଙ୍ଗେ ସେ ତାଙ୍କୁ ଡାକ୍ତରଖାନା ଖଟରେ ଶୁଆଇ ଦେଇଥିଲେ। ହେଲେ ସେତେବେଳକୁ ମହେଶ୍ୱର ଚେତାଶୂନ୍ୟ ହୋଇଯାଇଥିଲେ। ଖବର ପାଇ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡାକ୍ତର କମଳାକାନ୍ତ ଜେନା ସେଠାରେ ପହଞ୍ଚି ତାଙ୍କୁ ପରୀକ୍ଷା ନିରୀକ୍ଷା କରିଥିଲା ବେଳେ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା। ଡାକ୍ତର ଶ୍ରୀ ଜେନା ତାଙ୍କୁ ମୃତ ଘୋଷଣା କରିବା ସହିତ ଭୋଗରାଇ ଥାନା ଏବଂ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଭୋଗରାଇ ଥାନା ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଅପରାହ୍ନରେ ତାଙ୍କ ପରିବାର ଲୋକେ ପହଞ୍ଚିଥିଲା ବେଳେ ଶୁକ୍ରବାର ସକାଳେ ତାଙ୍କ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିବ ବୋଲି ଭୋଗରାଇ ଥାନା ପୁଲିସ ସୂଚନା ଦେଇଛି।

## 'ଗାଁକୁ ଚାଲ' ଅଭିଯାନ

ଭୋଗରାଇ, ୮।୨ (ସମିସ) : ଭୋଗରାଇ ବିଜେପି ପକ୍ଷରୁ ଆରମ୍ଭ ହେଇଛି 'ଗାଁକୁ ଚାଲ' ଅଭିଯାନ। ଭୋଗରାଇ ବ୍ଲକ ଅନ୍ତର୍ଗତ କମର୍ଦ୍ଧା ଠାରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହେବା ସହ ଏନେଇ ଏକ ପ୍ରସ୍ତୁତି ବୈଠକ ମଧ୍ୟ ଅନୁଷ୍ଠିତ ହୋଇଯାଇଛି। ବିଜେପି କମର୍ଦ୍ଧା ମଣ୍ଡଳ ସଭାପତି ଗୋପାଳ ଚନ୍ଦ୍ର ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଭୋଗରାଇ ବିଜେପି ନେତା ଅଂଶୁମାନ ମହାନ୍ତି, ଜିଲ୍ଲା ଯୁବମୋର୍ଚ୍ଚା ସମ୍ପାଦକ ଦିବ୍ୟସୁନ୍ଦର ଦାସ, ପ୍ରଦେଶ ବିସ୍ତାରକ ରବୀନ୍ଦ୍ର ରାଉତ, ଭୋଗରାଇ ବିସ୍ତାରକ କାର୍ତ୍ତିକେଶ୍ୱର ପ୍ରଧାନ, ମହିଳା ମୋର୍ଚ୍ଚା ସଭାନେତ୍ରୀ ଶ୍ରାବନ୍ତି ମିଶ୍ରଙ୍କ ସମେତ କମର୍ଦ୍ଧା ମଣ୍ଡଳର ୧୦ ଶକ୍ତିକେନ୍ଦ୍ର, ଗ୍ରାମ ପଞ୍ଚାୟତ ଓ ୪୯ଟି ବୁଥର ସଭାପତି ଓ ଜିଲ୍ଲା ପଦାଧିକାରୀ ମାନେ ଅଂଶଗ୍ରହଣ କରିଥିଲେ। ଯୁବନେତା ତଥା ଜିଲ୍ଲା ବିଜେପି କୃଷକ ମୋର୍ଚ୍ଚା ଉପ ସଭାପତି କୌଶିକ ଚାନ୍ଦ ଯୋଗ ଦେଇ ନିର୍ବାଚନ ପାଖେଇ ଆସୁଥିବାବେଳେ ତୃଣମୂଳ ସ୍ତରକୁ ଯାଇ ସଂଗଠନକୁ ମଜବୁତ କରିବା ପାଇଁ ଏହି 'ଗାଁକୁ ଚାଲ' ଓ ସତ୍ୟାପନ ଅଭିଯାନ ଆରମ୍ଭ ହୋଇଛି ବୋଲି ସୂଚନା ଦେଇଥିଲେ।

# ଅଙ୍ଗନବାଡ଼ି କେନ୍ଦ୍ରରେ ତାଲା ପକାଇଲେ ଅଭିଭାବକ



ରାଜଘାଟ, ୮।୨ (ସମିସ) : ଉତ୍ତ୍ୟକ୍ତ ମହିଳା ହିତାଧିକାରୀ ଓ ଅଭିଭାବକ ବିଭିନ୍ନ ଅଭିଯୋଗ ଆଣି ବସ୍ତା ବ୍ଲକ ସଦାନନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଦେଉଳପଡ଼ା ଅଙ୍ଗନବାଡ଼ି କେନ୍ଦ୍ରରେ ତାଲା ପକାଇଛନ୍ତି। ଅଭିଯୋଗ ମୁତାବକ, ଉକ୍ତ ଅଙ୍ଗନବାଡ଼ି କେନ୍ଦ୍ର ଉପରେ ଆଖପାଖ ଗାଁର ଗର୍ଭବତୀ, ୩ ବର୍ଷରୁ ୬ବର୍ଷର ପିଲା, କିଶୋରୀ ମାନେ ନିର୍ଭର କରନ୍ତି। ମାତ୍ର କାର୍ଯ୍ୟରତ ଅଙ୍ଗନବାଡ଼ି କର୍ମୀ ଇନ୍ଦୁମତୀ ବେହେରା କେନ୍ଦ୍ରକୁ ବିଳମ୍ବରେ ଆସିବା, ସଠିକ୍ ଭାବେ ହିତାଧିକାରୀଙ୍କୁ ଅଣ୍ଡା, ଛତୁଆ, ଲଡୁ ଭଳି ଶୁଖିଲା ଖାଦ୍ୟ ବଣ୍ଟନ, ସାଦ ଭକ୍ଷଣ ଓ ଅନ୍ନପ୍ରସନ୍ନ ନ କରିବା, ପ୍ରସୂତିଙ୍କୁ ଅଙ୍ଗନବାଡ଼ିରେ ଗୁଣ୍ଡ ସହ ଅନ୍ୟାନ୍ୟ ଖାଦ୍ୟ ଦେବା ପରିବର୍ତ୍ତେ ନିଜ ଘରେ ଦେବା, ଗର୍ଭବତୀ ମହିଳାଙ୍କୁ ଡାକ୍ତରଖାନାକୁ ନେବା ସମୟରେ ବାରମ୍ବାର ଯୋଗାଯୋଗ ସତ୍ତ୍ୱେ ବିଳମ୍ବରେ ପହଞ୍ଚିବା ଭଳି ଅଭିଯୋଗ ଆଣି ଉତ୍ତ୍ୟକ୍ତ ମହିଳା ହିତାଧିକାରୀ ଓ ଅଭିଭାବକ ଉକ୍ତ ଅଙ୍ଗନବାଡ଼ି କେନ୍ଦ୍ରରେ ତାଲା ପକାଇ ଦେଇଥିଲେ। ଏ ନେଇ ପୂର୍ବରୁ ସିଡିପିଓ ଏବଂ ବିଡିଓଙ୍କୁ ଲିଖିତ ଅଭିଯୋଗ କରିଥିଲେ ବି କୌଣସି ସୁଫଳ ମିଳି ନଥିବା ହିତାଧିକାରୀ ମାନେ ନିଜର ପ୍ରତିକ୍ରିୟାରେ କହିଛନ୍ତି। ଖବରପାଇ ବସ୍ତା ପୁଲିସ ସଦଳବଳେ ଘଟଣା ସ୍ଥଳରେ ପହଞ୍ଚି ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ହୋଇଥିଲା। ମାତ୍ର ଏଭଳି ଉତ୍ତେଜନା ସତ୍ତ୍ୱେ ମଧ୍ୟ କୌଣସି ବିଭାଗୀୟ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ନଥିଲେ।

## ଜଳିଗଲା ଦୁଇ ବଖରା, ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ



ଲଙ୍ଗଳେଶ୍ୱର, ୮।୨ (ସମିସ) : ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଅନ୍ତର୍ଗତ ସାର୍ଥା ଗ୍ରାମରେ ନିଆଁ ଲାଗି ଦୁଇ ବଖରା ଘର ସମେତ ଘରର ସମସ୍ତ ଆସବାବପତ୍ର, ୧୦ କ୍ୱିଣ୍ଟାଲରୁ ଅଧିକ ଧାନ, ସୁନା ଗହଣା ଏବଂ ନଗଦ ଟଙ୍କା ପୋଡି ପାଉଁଶ ହୋଇଯାଇଛି। ସାର୍ଥା ଗ୍ରାମର ଅହଲ୍ୟା ମଲ୍ଲିକଙ୍କ ପରିବାର ଅତ୍ୟନ୍ତ ଗରୀବ ହୋଇଥିବା ବେଳେ ସମସ୍ତେ ସକାଳୁ କାମକୁ ବାହାରି ଯାଇ ଥିଲେ। ଅହଲ୍ୟାଙ୍କ ସାନ ଭଉଣୀ ଘରେ ଏକୁଟିଆ ରୋଷେଇ କରୁଥିବା ସମୟରେ ଅସାବଧାନତା ଯୋଗୁ ଚୁଲିରୁ ଘରେ ନିଆଁ ଲାଗିଯାଇଥିଲା। ସାହି ପଡ଼ିଶା ଲୋକେ ଦୌଡି ଆସି ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସମସ୍ତ ଜିନିଷ ପତ୍ର ପୋଡି ପାଉଁଶ ହୋଇ ଯାଇଥିଲା। ଝିଅ ବାହାଘର ପାଇଁ ଥିବା ସମସ୍ତ ସୁନା ଗହଣା, ନଗଦ ୫୦ ହଜାର ଟଙ୍କା, ୧୦ କ୍ୱିଣ୍ଟାଲ ଧାନ, ପିଲା ମାନଙ୍କ ସାର୍ଟିଫିକେଟ, ଆଧାର କାର୍ଡ ସମେତ ସମସ୍ତ ଜରୁରୀ କାଗଜପତ୍ର, ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ଆନୁମାନିକ ୫ ଲକ୍ଷ ଟଙ୍କାର ଜିନିଷ ପୋଡି ପାଉଁଶ ହୋଇଥିବା ବେଳେ ତୁରନ୍ତ ସରକାରୀ ସହାୟତା ପାଇଁ ନିବେଦନ କରିଛନ୍ତି ପରିବାର ଲୋକେ।

## ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ

ସିମୁଳିଆ, ୮।୨(ସମିସ): ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ଅନ୍ତର୍ଗତ ବାଉରିପଦା ପଞ୍ଚାୟତର ବରିହା ପାଣ୍ଡବ ସାହିଠାରେ ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବରେ ମଞ୍ଚର ସଭାପତି ଚତୁର୍ଭୁଜ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥ ôଭାବେ ସିମୁଳିଆ ଅତିରିକ୍ତ ତହସିଲଦାର ହର ନାରାୟଣ ଦାସ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ସିମୁଳିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ବିଶ୍ୱ ରଞ୍ଜନ ମିଶ୍ର ଯୋଗଦେଇ ବରିଷ୍ଠ ନାଗରିକ ମାନଙ୍କ ଦୈନନ୍ଦିନ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପରିଚର୍ଯ୍ୟା ସମ୍ପର୍କରେ ବକ୍ତବ୍ୟରେ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥିଭାବେ ଫାର୍ମାସିଷ୍ଟ ଅମର କୁମାର ପଣ୍ଡା, ବରିଷ୍ଠ ନାଗରିକ ମଞ୍ଚର ସଭାପତି ମହେନ୍ଦ୍ର ନାଥ ମହାପାତ୍ର, ଉପସଭାପତି ବୀରେନ୍ଦ୍ର ନାୟକ, ସଂଗଠନ ସମ୍ପାଦକ ଶରତ ଚନ୍ଦ୍ର ମହାପାତ୍ର, ଉପସଭାପତି ଶ୍ୟାମସୁନ୍ଦର ହାତୀ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସଦସ୍ୟ ନିଶାକର ବେହେରା ମଞ୍ଚ ଆହ୍ୱାନ କରିଥିବାବେଳେ ପଞ୍ଚାୟତ ସଭାପତି ରମେଶ ଗିରି ଧନ୍ୟବାଦ ଅର୍ପଣ କରିଥିଲେ। ବାଉରିପଦା ବରିଷ୍ଠ ନାଗରିକ ମଞ୍ଚ ଶାଖା ପକ୍ଷରୁ ୧୯ ଜଣ ଅସହାୟଙ୍କୁ ଅତିଥିଙ୍କ ଦ୍ୱାରା ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା। ଏହି ଅବସରରେ ଶିକ୍ଷାବିତ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମଧୁସୂଦନ ଦାଶ ଓ ଗଜେନ୍ଦ୍ର ପାଢ଼ୀଙ୍କୁ ଅତିଥିଙ୍କ ଦ୍ୱାରା ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା।



## ୮ କୃତୀ ଛାତ୍ରଛାତ୍ରୀଙ୍କୁ ସଂଯୁକ୍ତା ମହାପାତ୍ର ମେଧା ସମ୍ମାନ



ସିମୁଳିଆ, ୮।୨(ସମିସ): ମଧୁମଲ୍ଲିକା ସରକାରୀ ଉଚ୍ଚ ବିଦ୍ୟାଳୟରେ ସଂଯୁକ୍ତା ମହାପାତ୍ର ମେଧା ସମ୍ମାନ ପ୍ରଦାନ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ବାଙ୍ଗରଖଡିଗଡ଼ିଆ ପଞ୍ଚାୟତର ଥିବା ମଧୁମଲ୍ଲିକା ସରକାରୀ ଉଚ୍ଚ ବିଦ୍ୟାଳୟରେ ସ୍ୱର୍ଗତ ସଂଯୁକ୍ତା ମହାପାତ୍ର ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରେ ଥାଇ ମୃତ୍ୟୁବରଣ କରିଥିଲେ। ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରାଦ୍ଧବାର୍ଷିକ ଅବସରରେ ବିଦ୍ୟାଳୟ ପକ୍ଷରୁ ସଂଯୁକ୍ତା ମହାପାତ୍ର ମେଧା ସମ୍ମାନ-୨୦୨୩ ଅନୁଷ୍ଠିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ମାରାଣ୍ଡିଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ପ୍ରକାଶ ମହାଳିକ, ଅନ୍ୟତମ ସମ୍ମାନିତ ଅତିଥିଭାବେ ଶିକ୍ଷକ ସମନ୍ୱୟ ସମିତିର ସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, ଅବସରପ୍ରାପ୍ତ ଶିକ୍ଷକ କମଳାକାନ୍ତ ପତି, ସିଆରସିସି କରୁଣାକର ସାମଲ, ବ୍ୟାଙ୍କ ଫିଲ୍ଡ ଅଫିସର ମାନସୀ ମଧୁବାସିନୀ ପତି, ଅବସରପ୍ରାପ୍ତ ଶିକ୍ଷକ ଶିବ ପ୍ରସାଦ ପଣ୍ଡା ପ୍ରମୁଖ ଯୋଗଦେଇ ଶିକ୍ଷୟିତ୍ରୀ ସଂଯୁକ୍ତା ମହାପାତ୍ରଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଦେବାସହ ତାଙ୍କ କାର୍ଯ୍ୟକାଳ ଭିତରେ ଛାତ୍ରବତ୍ସଳତା, ସମୟାନୁବର୍ତ୍ତିତା ଓ ଶିକ୍ଷାଦାନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅତିଥିଙ୍କ ଦ୍ୱାରା ଆଠଟି ଶ୍ରେଣୀରୁ ଆଠଜଣ କୃତୀ ଛାତ୍ରଛାତ୍ରୀଙ୍କୁ ସଂଯୁକ୍ତା ମେଧା ସମ୍ମାନରେ ସମ୍ମାନିତ କରାଯାଇ ସେମାନଙ୍କୁ ମାନପତ୍ର ଓ ସିଲଡ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷକ ଗୀତାଞ୍ଜଳି ମିଶ୍ର ଓ ଚନ୍ଦ୍ରଶେଖର ପତ୍ରି ସମେତ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ପ୍ରମୁଖ ସହଯୋଗ କରିଥିଲେ।

## ଆନ୍ଦୋଳନରେ ପ୍ରାଣୀ ଚିକିତ୍ସକ, ଚିନ୍ତାରେ ଫାର୍ମ ମାଲିକ

ଖଇରା, ୮।୨ (ସମିସ): ରାଜ୍ୟରେ ପ୍ରାଣୀ ଚିକିତ୍ସକଙ୍କ ଆନ୍ଦୋଳନ ଜାରି ରହିଥିବା ବେଳେ ଖଇରା ବ୍ଲକର କୁକୁଡା ଫାର୍ମ ମାଲିକଙ୍କୁ ହତାଶ କରିଛି। ଏବେ ଦୈନିକ ହଜାର ହଜାର ସଂଖ୍ୟାର କୁକୁଡା ମରୁଥିବା ନେଇ ଫାର୍ମ ମାଲିକ ପତିରାଜପୁର ଗ୍ରାମର ଗୌତମ ପ୍ରଦାନ ଓ ହରିପୁର ଗ୍ରାମର ମହେଶ୍ୱର ସ୍ୱାଇଁ ଅଭିଯୋଗ କରିଛନ୍ତି। ବାର୍ଡଫ୍ଲୁ କାରଣରୁ କୁକୁଡା ମରୁଥିବା ନେଇ ସନ୍ଦେହ କରାଯାଉଥିଲେ ହେଁ ଖଇରା ପ୍ରାଣୀ ଚିକିତ୍ସା କାର୍ଯ୍ୟାଳୟର ଡାକ୍ତରମାନେ ଛୁଟିରେ ଥିବାରୁ ପ୍ରକୃତ କାରଣ ଜଣା ପଡୁନାହିଁ। ମହେଶ୍ୱର ସ୍ୱାଇଁଙ୍କ ଫାର୍ମରେ ଥିବା କୁକୁଡା ମଧ୍ୟରୁ ବୁଧବାର ରାତିରେ ସାଢେ ୩ ହଜାର କୁକୁଡ଼ା ମରିଥିବା ବେଳେ ୨ଦିନ ତଳେ ଗୌତମ ପ୍ରଧାନଙ୍କର ମଧ୍ୟ ପାଖାପାଖି ୧ହଜାର କୁକୁଡା ମରି ପଡ଼ିଥିବାର ଅଭିଯୋଗ ହୋଇଛି। ଖଇରା ପ୍ରାଣୀ ଚିକିତ୍ସା କାର୍ଯ୍ୟାଳୟରେ କାମଚଳା ଭାବେ ଜଣେ ପ୍ରାଣୀଧନ ନୀରିକ୍ଷକ ବସୁଥିଲେ ହେଁ ଔଷଧ ଆଲମିରାରେ ତାଲା ପଡ଼ିଥିବାରୁ ସେ ପ୍ରେସ୍ କ୍ରିପସନ ବ୍ୟତିତ ଅନ୍ୟକିଛି କରିବାକୁ ଅକ୍ଷମ ଅଟନ୍ତି। ବିକଳ୍ପ ବ୍ୟବସ୍ଥା କରିବାକୁ ଦାବି ହୋଇଛି।

## ଶ୍ରେଷ୍ଠ ଅଧ୍ୟକ୍ଷା ଓ ଶ୍ରେଷ୍ଠ ସଂଯୋଜିକା ସମ୍ମାନିତ

ଜଳେଶ୍ୱର ବ୍ଲକ, ୮।୨ (ସମିସ) : ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ହେରିଟେଜ୍ ହଲରେ ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ରଣାଙ୍କ ପୌରୋହିତ୍ୟରେ ଜିଲ୍ଲାସ୍ତରୀୟ ଛାତ୍ରୀ ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ସମ୍ବର୍ଦ୍ଧନା ଉତ୍ସବରେ ଶ୍ରୀଜଗନ୍ନାଥ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଜଳେଶ୍ୱରର ଅଧ୍ୟକ୍ଷା ମାମି ରାଣୀ ମହାନ୍ତି, ରାଜନୀତି ବିଜ୍ଞାନ ପ୍ରାଧ୍ୟାପିକା ଶ୍ରେଷ୍ଠ ଅଧ୍ୟକ୍ଷା ଓ ବିଦ୍ୟାଳୟର ଅର୍ଥନୀତି ବିଭାଗର ଅଧ୍ୟାପିକା ତଥା ଛାତ୍ରୀ ଆତ୍ମ ସୁରକ୍ଷାର ସମର୍ଥା ସଂଯୋଜିକା ସୁରତି ଦେ ଶ୍ରେଷ୍ଠ ସଂଯୋଜିକା ଭାବେ ସମ୍ମାନିତ ହୋଇଛନ୍ତି। ଉକ୍ତ ଉତ୍ସବରେ ସଦର ବିଡିଓ ସମରଜିତ କର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ କବି ଶ୍ରୀଯୁକ୍ତ ପ୍ରଶାନ୍ତ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ଥିଲେ। ଜିଲ୍ଲା ସଂଯୋଜକ ଡ. ସନ୍ତୋଷ ରାଉତ୍ ସମାରୋହକୁ ସଂଯୋଜନା କରିଥିଲେ। ନୋଡାଲ ଅଧିକାରୀ ଶୁଭଶ୍ରୀ ସ୍ୱାଇଁ, ଅନୁପମା ବେହେରା ଏବଂ ଅଧ୍ୟାପକ ଅଶୋକ ପ୍ରିୟଦର୍ଶୀ ମଞ୍ଚ ପରିଚାଳନାରେ ସହଯୋଗ କରିଥିବା ବେଳେ ଅନ୍ୟତମ ନୋଡାଲ ଅଧିକାରୀ ଅସ୍ମିତା ଗୁରିଆ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ

ଖଇରା, ୮।୨ (ସମିସ): ଖଇରା ବ୍ଲକ ବଡନୁଆଗାଁ ଗ୍ରାମ ପଞ୍ଚାୟତ ଅଧୀନ କୁମାର ମୌଦା ଗ୍ରାମରେ ୧୯୩୬ ମସିହାରେ ପ୍ରତିଷ୍ଠିତ ପ୍ରାଥମିକ ଓ ଡୁମା ସନାତନ ମଧ୍ୟ ଇଂରାଜୀ ବିଦ୍ୟାଳୟ ପରିସରରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଦିବସ ବ୍ୟାପି ଅନୁଷ୍ଠିତ ହୋଇଯାଇଛି। ଜିତେନ୍ଦ୍ର ଦାଶଙ୍କ ସ୍ମୃତିରେ ଆୟୋଜିତ କାର୍ଯ୍ୟକ୍ରମରେ ପିଲାମାନଙ୍କ ନୃତ୍ୟଗୀତର ଯାଦୁରେ କୁମାରମୌଦା ଗାଁ ପ୍ରକମ୍ପିତ ହୋଇଥିଲା। ଉଭୟ ମଧ୍ୟ ଇଂରାଜୀ ବିଦ୍ୟାଳୟର ପ୍ରଧାନଶୀକ୍ଷକ ପିତାମ୍ବର ମତଗଜଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ପୂର୍ବତନ ସରପଞ୍ଚ ସୁଶାନ୍ତ ମିଶ୍ର ମୁଖ୍ୟଅତିଥି, ପାଇମହୁରା ସରକାରୀ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନର ପ୍ରାକ୍ତନ ଅଧ୍ୟକ୍ଷ ଚିନ୍ତାମଣି ପାଣିଗ୍ରାହୀ, କାର୍ଯ୍ୟକ୍ରମର ଆୟୋଜକ ତଥା ଉପଦେଷ୍ଟା ଶ୍ରୀଧର ଦାଶ, ବିଶିଷ୍ଟ ପାଲାଗାୟକ ତଥା ସଂସ୍କୃତ ଶିକ୍ଷକ ପ୍ରଭାତ ଚନ୍ଦ୍ର ବାରିକ, କମିଟି ସଭାପତି ଦୁଃଶାସନ ଦାସ ଓ ହେମନ୍ତ ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସହକାରୀ ଶିକ୍ଷକ ସୁନିଲ ଦାଶ ଓ ଶ୍ରୀକୃଷ୍ଣ ପ୍ରଧାନ, ଶିକ୍ଷୟିତ୍ରୀ ସସ୍ମିତାବାଳା ଦାସ ପ୍ରମୁଖ ଉପସ୍ଥିତ ଥିଲେ।




## ସେକ୍ସନ ଅଫିସରଙ୍କ ବିୟୋଗରେ ତହସିଲରେ ଶୋକସଭା



ଜଳେଶ୍ୱର ବ୍ଲକ, ୮।୨ (ସମିସ): ଜଳେଶ୍ୱର ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟରତ ସେକ୍ସନ ଅଫିସରଙ୍କ ବିୟୋଗରେ ତହସିଲ ପରିସରରେ ଶୋକ ସଭା ଅନୁଷ୍ଠିତ ହୋଇ ଯାଇଛି। ସୂଚନା ଅନୁସାରେ ଜଳେଶ୍ୱର ତହସିଲରେ କାର୍ଯ୍ୟରତ ସେକ୍ସନ ଅଫିସର ବଂଶୀଧର ମାଝି(୫୯) ଗତ ୨୦୧୯ ମସିହା ଅକ୍ଟୋବର ମାସରେ ଜଳେଶ୍ୱର ତହସିଲରେ କାର୍ଯ୍ୟ ଆରମ୍ଭ କରିଥିଲେ। ଆସନ୍ତା ୨୦୨୫ ମାର୍ଚ୍ଚ ମାସ ୩୧ ତାରିଖରେ ଅବସର ନେବାକୁ ଥିବା ବେଳେ ଗତ ୬ ତାରିଖ ଦିନ ଦୁଇଟା ସମୟରେ କାର୍ଯ୍ୟରତ ଅବସ୍ଥାରେ ହଠାତ ଦେହ ଅସୁସ୍ଥ ଲାଗିବାରୁ ତହସିଲଦାରଙ୍କୁ କହି ଅଫିସରୁ ଛୁଟି ନେଇ ନିଜର ଘର ରେମୁଣା ଥାନା ହାତୀଆଗଣ୍ଡ ଗ୍ରାମକୁ ଯାଇଥିଲେ। ଗତକାଲି ତିନିଟା ସମୟରେ ତାଙ୍କର ଦେହ ଅତ୍ୟଧିକ ଖରାପ ହେବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରା ଯାଇଥିବା ବେଳେ ଶ୍ରୀ ମାଝୀ ସନ୍ଧ୍ୟା ସାତଟା ସମୟରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ। ତାଙ୍କର ଆକସ୍ମିକ ବିୟୋଗରେ ସପରିବାର ମର୍ମାହତ ହୋଇ ପଡ଼ିଥିଲେ। ଆଜି ସକାଳ ଦଶଟା ସମୟରେ ଜଳେଶ୍ୱର ତହସିଲ ପରିସରରେ ତହସିଲଦାର ସଞ୍ଜୟ କୁମାର ପଣ୍ଡାଙ୍କ ଉପସ୍ଥିତିରେ ଅତିରିକ୍ତ ତହସିଲଦାର ଅଭୟ ସ୍ୱାଇଁ, ଏସଆରଏ ବିଜୟ ଦାସ, ଗୌରାଙ୍ଗ ଦାସ, ସନ୍ତୋଷ ଭଞ୍ଜ, ଯଶୁମତି ଦଳେଇ, ମାୟାବତୀ ମାଝୀ, ରଜତ କାଣ୍ତି, ଇନିସ୍ପେକ୍ଟର ଗୌରାଙ୍ଗ ଜେନା, ଡିଇଓ ଏସ କେ ଶୁଦିଆ, ସଞ୍ଜୀବ ବାରିକ, ଅମିନ ରାଜେଶ ସିଂ ଓ ସମସ୍ତ ଆରଆଇ ଶୋକସଭା ପାଳନ କରିବା ସହ ୨ମିନିଟ ତାଙ୍କ ଆତ୍ମାର ସଦ୍‌ଗତି ପାଇଁ ନିରବ ପ୍ରାର୍ଥନା କରିଥିଲେ। ସ୍ୱର୍ଗତ ମାଝୀଙ୍କ ଶେଷ ଦର୍ଶନ କରିବା ଏବଂ ତାଙ୍କର ପରିବାର ବର୍ଗଙ୍କୁ ସମବେଦନା ଜଣାଇବାକୁ ତହସିଲଦାରଙ୍କ ନେତୃତ୍ୱରେ କର୍ମଚାରୀ ମାନେ ରେମୁଣାସ୍ଥିତ ହାତୀଆଗଣ୍ଡ ଯାଇଥିବା ଜଣାପଡ଼ିଛି।

## ଫ୍ରେଣ୍ଡସ ଫିସେରୀ ପରିବାରର ବାର୍ଷିକ ସମ୍ମିଳନୀ

ରୂପସା, ୮।୨ (ସମିସ): ରୂପସା ଥାନା ଅନ୍ତର୍ଗତ ଫ୍ରେଣ୍ଡସ ଫିସାରୀ ପରିବାରର ପଞ୍ଚମ ବାର୍ଷିକ ସମ୍ମିଳନୀ ସ୍ଥାନୀୟ ଶ୍ରୀଜଗନ୍ନାଥ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ପରିବାରର ଏମଡି ବଂଶୀଧର ପଣ୍ଡା ଏହି ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଜିଲ୍ଲା ଫିସେରୀ ଅଫିସର ଜିତେନ୍ଦ୍ର ବେହେରା, ମୁଖ୍ୟବକ୍ତା ରିଜିଓନାଲ ମ୍ୟାନେଜର ସୌଗତ ରାୟ, ସମ୍ମାନିତ ଅତିଥି ଟେକ୍ନିକାଲ ହେଡ୍ ଶ୍ରବଣ କୁମାର ମିଶ୍ର, ଅଧ୍ୟାପକ ରବୀନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇ ମତ୍ସ୍ୟ ଚାଷର ବିଭିନ୍ନ ଉନ୍ନତ କିସମର ପ୍ରଣାଳୀ ଓ ବୈଜ୍ଞାନିକ କୌଶଳ ସମ୍ପର୍କରେ ଆଲୋଚନା କରିବା ସହ ସରକାରଙ୍କ ବିଭିନ୍ନ ଲାଭଦାୟକ ଯୋଜନା ମାଧ୍ୟମରେ କିଭଳି ସ୍ୱାବଲମ୍ବୀ ହୋଇପାରିବ ସେ ଦିଗରେ ଆଲୋକପାତ କରିଥିଲେ। ପରିବାରର ଅନ୍ୟତମ ଏମଡି ପ୍ରସନ୍ନ କୁମାର ସାହୁ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏହି ଅବସରରେ ବହୁ ଅଗ୍ରଣୀ ମତ୍ସ୍ୟଚାଷୀଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। କର୍ମଶାଳାରେ ବିଭିନ୍ନ ଅଞ୍ଚଳର ମତ୍ସ୍ୟ ଚାଷୀ, ମତ୍ସ୍ୟ ବ୍ୟବସାୟୀ ଉପସ୍ଥିତ ଥିଲେ। କର୍ମକର୍ତ୍ତା ମନୋଜ ଗିରି, ଜ୍ୟୋସ୍ନାରାଣୀ ପଣ୍ଡା, ସତ୍ୟବ୍ରତ ଗିରି, ରାଜେନ୍ଦ୍ର ବେହେରା ଓ ପଦ୍ମଲୋଚନ ବଢ଼େଇ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।




# ଇପିଏଫ୍ ପେନସନ୍‌ଭୋଗୀଙ୍କ ଜିଲ୍ଲା କମିଟି ବୈଠକ




ବାଲେଶ୍ୱର, ୮।୨(ସମିସ): ଆସନ୍ତା ସାଧାରଣ ନିର୍ବାଚନରେ ଇପିଏଫ୍ ପେନସନ୍ ଭୋଗୀମାନେ ବର୍ତ୍ତମାନର କେନ୍ଦ୍ର ସରକାରରେ ଥିବା ରାଜନୈତିକ ଦଳଙ୍କୁ ଭୋଟ ନ ଦେବାକୁ ଅଲ୍ ଓଡ଼ିଶା ଇପିଏଫ୍ ପେନସନର୍ସ ଆସୋସିଏସନ୍ ବାଲେଶ୍ୱର ଜିଲ୍ଲା କମିଟି ନିଷ୍ପତ୍ତି ଗ୍ରହଣ କରିଛି। ରାଜ୍ୟ କମିଟି ଏହି ନିଷ୍ପତ୍ତିକୁ ରାଜ୍ୟବ୍ୟାପୀ କାର୍ଯ୍ୟକାରୀ କରିବାକୁ ଜଣାଇଛି। କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ କର୍ମଚାରୀ ଭବିଷ୍ୟନିଧି ପାଣ୍ଠିରୁ ମାତ୍ର ମାସିକ ଏକହଜାର ଟଙ୍କା କିମ୍ବା ତହିଁରୁ କମ୍ ଟଙ୍କା ପେନସନ୍ ପାଉଛନ୍ତି। ଏହି ସ୍ୱଳ୍ପ ପେନସନ୍ ପାଉଥିବା ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ମହଙ୍ଗା ଭତ୍ତା ଦିଆଯାଉନାହିଁ। ଅଧିକ ଦରମା ପାଉଥିବା କର୍ମଚାରୀମାନଙ୍କୁ ଅବସର ପରେ ସେହି ଅନୁପାତରେ ପେନସନ୍ ଦେବାକୁ ସର୍ବୋଚ୍ଚ ନ୍ୟାୟାଳୟର ଆଦେଶକୁ ବିଭିନ୍ନ ଆଳରେ ସରକାର କାର୍ଯ୍ୟକାରୀ କରୁନାହାନ୍ତି। ଜାତୀୟ ସ୍ତରରେ ବହୁବାର ଦାବି ଓ ଆନ୍ଦୋଳନ କରିଲେ ବି କିଛି ସୁଫଳ ମିଳିନାହିଁ। ସଂସଦରେ ନିର୍ବାଚିତ ସାଂସଦମାନେ ଏହି ବୟସ୍କବ୍ୟକ୍ତିଙ୍କ ଆର୍ଥିକ ଦୁରାବସ୍ଥା ସମ୍ପର୍କରେ ସରକାରଙ୍କୁ ଅବଗତ କଲେ ମଧ୍ୟ କେନ୍ଦ୍ର ସରକାର ଦୀର୍ଘ ଦଶବର୍ଷ ଧରି କୌଣସି ନିଷ୍ପତ୍ତି ଗ୍ରହଣ କରୁନାହାନ୍ତି। ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ବୈଠକରେ ଜିଲ୍ଲା ସମ୍ପାଦକ ବିଷ୍ଣୁପ୍ରସାଦ ମହାନ୍ତି ଇପିଏଫ୍ ପେନସନ୍ ଭୋଗୀ ବୟସ୍କ ବ୍ୟକ୍ତିଙ୍କ ପ୍ରତି କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଦରଦାମ୍ ବୃଦ୍ଧି ହେଉଥିବା ବେଳେ ଏହି ସ୍ୱଳ୍ପ ପେନସନର୍ସ ବୟସ୍କ ନାଗରିକମାନେ ନିଜ ଜରାରୋଗର ଚିକିତ୍ସା ମଧ୍ୟ କରାଇ ପାରୁନାହାନ୍ତି। ତେଣୁ କେନ୍ଦ୍ର ସରକାର ଯଦି ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ ମାସିକ ସର୍ବନିମ୍ନ ନଅହଜାର ଟଙ୍କା ପେନସନ୍ ସହ ମହଙ୍ଗା ଭତ୍ତା ଓ ଚିକିତ୍ସା ଖର୍ଚ୍ଚ ପ୍ରଦାନ ପାଇଁ ଘୋଷଣା ନ କରନ୍ତି ତେବେ ଆସନ୍ତା ସାଧାରଣ ନିର୍ବାଚନରେ ଇପିଏଫ୍ ପେନସନଭୋଗୀଙ୍କ ପରିବାର ଓ ସମ୍ପର୍କୀୟମାନେ କେନ୍ଦ୍ରର ସରକାରୀ ଦଳକୁ ଭୋଟ ନ ଦେବାପାଇଁ କାର୍ଯ୍ୟ କରିବେ ବୋଲି ବୈଠକରେ ସର୍ବସମ୍ମତ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ନିଷ୍ପତ୍ତି ଉପରେ ବିଚାର କରିବାପାଇଁ ରାଜ୍ୟ କମିଟିକୁ ଅବଗତ କରିବା ନିମିତ୍ତ ସମ୍ପାଦକଙ୍କୁ ବୈଠକରେ ଦାୟିତ୍ୱ ଦିଆଯାଇଛି। ଆସନ୍ତା ମାର୍ଚ୍ଚ ୨୩ ତାରିଖ ଦିନ ଜିଲ୍ଲାସ୍ତରୀୟ ସମ୍ମିଳନୀରେ ଏଥିପାଇଁ ନିର୍ଦ୍ଦିଷ୍ଟ ଖସଡ଼ା ପ୍ରସ୍ତୁତ କରାଯାଇ ଜିଲ୍ଲା ଓ ରାଜ୍ୟବ୍ୟାପୀ ପ୍ରଚାର ଅଭିଯାନକୁ ବ୍ୟାପକ କରାଯିବ। ଏହି ବୈଠକରେ ବିଭିନ୍ନ ସରକାରୀ ଓ ବେସରକାରୀ ପ୍ରତିଷ୍ଠାନରେ କାର୍ଯ୍ୟକରି ଅବସର ପରେ ଇପିଏଫ୍ ସଂସ୍ଥାରୁ ପେନସନ୍ ପାଉଥିବା ସର୍ବଶ୍ରୀ ଜଳଧର ପଣ୍ଡା, ଶ୍ୟାମସୁନ୍ଦର ଜେନା, ଇଂ. କହ୍ନେଇଲାଲ୍ ଚୌଧୁରୀ, ପୂର୍ଣ୍ଣଚନ୍ଦ୍ର ପାତ୍ର, ଶରତ ଚନ୍ଦ୍ର ଦଳାଇ, ସନ୍ୟାସୀ ବେହେରା, କୁଶପ୍ରସାଦ ଜେନା, ନିତ୍ୟାନନ୍ଦ ନଟ, ପରମେଶ୍ୱର ପାତ୍ର, ପୁରୁଷୋତ୍ତମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ମନ୍ମଥ ପରିଡ଼ା ଧନ୍ୟବାଦ ଦେଇଥିଲେ।

# ଜିଓବ୍ୟାଗ୍ ଦ୍ୱାରା ନଦୀବନ୍ଧରେ ସ୍ପର ନିର୍ମାଣ





ବାଲେଶ୍ୱର(ଉତ୍ତର), ୮।୨(ସମିସ):

● ଆଉ ଆବଶ୍ୟକ ନାହିଁ ପଥର
● ପରିବେଶ ସନ୍ତୁଳନ ସହିତ ଦୀର୍ଘସ୍ଥାୟୀ ରହିବ ବନ୍ଧ

ବନ୍ୟା ବିପର୍ଯ୍ୟୟ ସମୟରେ ନଦୀକୂଳକୁ ସୁରକ୍ଷା ପାଇଁ ନିର୍ମାଣ ହୋଇଥାଏ ପଥର ନିର୍ମିତ ସ୍ପର। କ୍ରମାଗତ ଭାବେ ଖର୍ଚ୍ଚବହୁଳ ଏହି ପଥର ନିର୍ମିତ ସ୍ପର ନିର୍ମାଣ ଏବଂ ପ୍ରତିବର୍ଷ ବନ୍ୟା ସମୟରେ ଏହା ପୁଣି କ୍ଷତିଗ୍ରସ୍ତ ହୋଇଥାଏ। ପଥର ସବୁ ନଦୀ ଗର୍ଭରେ ଲୀନ ହୋଇଥାଏ। ଆଉ ହେବନି ପଥର ଦ୍ୱାରା ନିର୍ମିତ ସ୍ପର। ଏଥିପାଇଁ ଆଧୁନିକ ଉନ୍ନତ ଜ୍ଞାନ କୌଶଳର ବ୍ୟବହାର କରି ପଥର ବଦଳରେ ଜିଓ ବ୍ୟାଗ ଦ୍ୱାରା ନଦୀ ବନ୍ଧରେ ହେଉଛି ସ୍ପର ନିର୍ମାଣ। ନଦୀକୂଳର ସୁରକ୍ଷା ପାଇଁ ପ୍ରଥମ ଥର ପାଇଁ ଓଡ଼ିଶାର ଖରସ୍ରୋତା ସୁବର୍ଣ୍ଣରେଖା ନଦୀ ଉପରେ ସ୍ପର୍ ନିର୍ମାଣ ପାଇଁ ଜିଓବ୍ୟାଗ୍ ବ୍ୟବହାର କରାଯାଉଛି। ଫଳରେ ପଥର ଅଭାବକୁ ପୂରଣ କରାଯାଇ ପାରୁଥିବା ବେଳେ ବାରମ୍ବାର ଆଉ ସ୍ପର ନିର୍ମାଣ କରିବାକୁ ପଡ଼ିବ ନାହିଁ। ଏହା ଛଡ଼ା ଏହା ପରିବେଶର ସନ୍ତୁଳନ ହେବା ସହ ସ୍ପର ଗୁଡ଼ିକ ଦୀର୍ଘସ୍ଥାୟୀ ହୋଇପାରିବ। ଯଦି ଏହା ସଫଳ ହେବ ତେବେ ଓଡ଼ିଶାର ଅନ୍ୟ ନଦୀରେ ମଧ୍ୟ ଏହି ଜିଓ ବ୍ୟାଗ ଦ୍ୱାରା ସ୍ପର ନିର୍ମାଣ ହେବ ବୋଲି ସୂଚନା ଦିଆଯାଇଛି।

ପ୍ରକାଶ ଯେ, ସୁବର୍ଣ୍ଣରେଖା ନଦୀର ପ୍ରତିବର୍ଷ ଗତିପଥ ବଦଳୁଛି। ପ୍ରତିବର୍ଷ ଆସୁଥିବା ପ୍ରଳୟଙ୍କରୀ ବନ୍ୟାରେ ବ୍ୟାପକ ଅଞ୍ଚଳ କ୍ଷତିଗ୍ରସ୍ତ ହେଉଛି। ଏଥିପାଇଁ ସରକାର ନଦୀ ବନ୍ଧ ସହିତ କୂଳ ସୁରକ୍ଷା ପାଇଁ ପଥର ସ୍ପର ନିର୍ମାଣ କରୁଛନ୍ତି। ମାତ୍ର ପଥର ଅଭାବ ସହିତ ସ୍ପର ନିର୍ମାଣ ର ଖର୍ଚ୍ଚ ରୋକିବା ପାଇଁ ବର୍ତ୍ତମାନ ଅତ୍ୟାଧୁନିକ ଜ୍ଞାନ କୌଶଳ ପ୍ରୟୋଗ କରି ଜିଓବ୍ୟାଗରେ ନଦୀବାଲି ପୂରାଇ ଖୁବ ସ୍ୱଳ୍ପ ଖର୍ଚ୍ଚରେ ନିର୍ମାଣ ହେଉଛି ସ୍ପର କାମ। ଏହା ଦ୍ୱାରା ସୁବର୍ଣ୍ଣରେଖା ନଦୀରେ ଏବେ ବନ୍ୟା ଆସିଲେ ଆଉ ନଦୀକୂଳିଆ ବାସୀଙ୍କ ପାଇଁ ଆଉ ଭୟ ରହିବନି। ପଥର ବଦଳରେ ଜିଓବ୍ୟାଗରେ ବାଲି ଭର୍ତି କରି ହେଉଛି ସ୍ପର କାମ। ନଦୀ ଗର୍ଭରୁ ସ୍ୱପମ୍ପ ମାଧ୍ୟମରେ ବାଲି ଉତ୍ତୋଳନ କରାଯାଇ ଜିଓ ବ୍ୟାଗରେ ପୂରାଇ କୂଳରୁ ନଦୀ ମଧ୍ୟକୁ ସୁଦୃଢ ବନ୍ଧ ନିର୍ମାଣ କରାଯାଉଛି। ଖରା ବର୍ଷା ସହନଶୀଳ ଏହି ବ୍ୟାଗ ପରିବେଶକୁ ସୁରକ୍ଷିତ ରଖିବା ସହିତ ଦୀର୍ଘ ବର୍ଷ ଧରି ନଷ୍ଟ ନ ହେବାର କ୍ଷମତା ମଧ୍ୟ ରହିଛି। ପରିବେଶର ସନ୍ତୁଳନତାକୁ ରକ୍ଷା କରିବା ସହିତ ଭବିଷ୍ୟତ ରେ ପଥରର ଅଭାବକୁ ରୋକିବା, ଏବଂ ନଦୀକୂଳକୁ ସୁରକ୍ଷା ଦେବା ପାଇଁ ପ୍ରଥମ ଥର ଓଡ଼ିଶା ସରକାରଙ୍କ ତରଫରୁ ସୁବର୍ଣ୍ଣରେଖା ନଦୀରେ ଏହା ପରୀକ୍ଷା ମୂଳକ ଭାବେ କାର୍ଯ୍ୟ ଚାଲିଛି। ଜଳ ସମ୍ପଦ ବିଭାଗର ଏଭଳି କାର୍ଯ୍ୟକୁ ପ୍ରଶଂସା କରିଛନ୍ତି ସ୍ଥାନୀୟ ବାସିନ୍ଦା ଓ ଜନ ପ୍ରତିନିଧି। ଜଳେଶ୍ୱର ସୁବର୍ଣ୍ଣରେଖା ନଦୀର ପଞ୍ଚୁଘଣ୍ଟା ନିକଟରେ ହେଉଥିବା ଏହି ସ୍ପର କାର୍ଯ୍ୟ ନଦୀ କୂଳକୁ ସୁରକ୍ଷା ଦେବା ସହିତ ନଦୀ କୂଳରେ ଉପୁଜୁ ଥିବା ସମସ୍ୟାର ସମାଧାନ ପାଇଁ କମ୍ ଖର୍ଚ୍ଚ ଓ କମ୍ ଦିନରେ ଜିଓବ୍ୟାଗ ଏକ ମାଧ୍ୟମ ହୋଇଥିଲା ବେଳେ ପଥର ସ୍ପର ନିର୍ମାଣ ପାଇଁ ଦୁଇରୁ ଦେଢ଼ କୋଟି ଖର୍ଚ୍ଚ ହେବା ସହିତ ଦୀର୍ଘ ମାସ ଲାଗିଯାଏ କାମ ଶେଷ ପାଇଁ। ମାତ୍ର ଜିଓ ବ୍ୟାଗ ଦ୍ୱାରା ୧୫ରୁ ୨୦ ଦିନ ମଧ୍ୟରେ ମାତ୍ର ୨୦ ରୁ ୩୦ ଲକ୍ଷ ଟଙ୍କା ଖର୍ଚ୍ଚରେ ଏକ ସ୍ପର ନିର୍ମାଣ କାର୍ଯ୍ୟ ହୋଇପାରିବ ବୋଲି ବିଭାଗୀୟ ଯନ୍ତ୍ରୀ ମାନେ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକୁ ଜଳସମ୍ପଦ ବିଭାର ଚିଫ୍ ଇଞ୍ଜିନିୟର ରମାକାନ୍ତ ମହାପାତ୍ର, ଚିଫ ଇଞ୍ଜିନିୟର (କ୍ୱାଲିଟି କଣ୍ଟ୍ରୋଲ) ନିରଞ୍ଜନ ରାଉତ ପ୍ରମୁଖ କାର୍ଯ୍ୟସ୍ଥଳରେ ପହଞ୍ଚି ସ୍ଥିତି ପରଖିବା ସହିତ କାମର ଗୁଣାତ୍ମକ ମାନ ଭଲ ହେଉଥିବା କହିଛନ୍ତି। ଜଳେଶ୍ୱର ବିଧାୟକ ତଥା ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଏବଂ ପ୍ରତୀପ କୁମାର ପ୍ରଧାନ ମଧ୍ୟ ରାଜ୍ୟ ସରକାରଙ୍କ ଏଭଳି ନୂତନ ତଥା ଅତ୍ୟାଧୁନିକ କାର୍ଯ୍ୟ ପ୍ରଣାଳୀକୁ ପ୍ରଶଂସା କରିଛନ୍ତି।

## 'ଆମ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମ



ଭୋଗରାଇ, ୮।୨ (ସମିସ) : ଭୋଗରାଇ ବ୍ଲକର ସଦର ଦେହୁର୍ଦ୍ଦା ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ସରପଞ୍ଚ ସରସ୍ୱତୀ କରଣଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଭୋଗରାଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉମାକାନ୍ତ ପରିଡ଼ା, ମୁଖ୍ୟବକ୍ତା ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ସମ୍ମାନିତ ଅତିଥି ଭାବେ ଆଇନଜୀବୀ ଭୁବନାନନ୍ଦ ଦାସ, ବିଧାୟକ ପ୍ରତିନିଧି ବିଶ୍ୱଜିତ ଦାସ, ୩୨ ନଂ ଜିଲ୍ଲା ପରିଷଦ ସଦସ୍ୟା କବିତା ମହାନ୍ତି, ପୂର୍ବତନ ସରପଞ୍ଚ ରମାକାନ୍ତ କରଣ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁଦୀପ୍ତ କୁମାର ରାଉତ ଓ ପପୁ ଭୂୟାଁ, ମୋନାଲିସା ହେମ୍ବ୍ରମ, ସୌମିତ୍ରା ମହାନ୍ତି, ସମାଜସେବୀ ସୁବଲ ଜେନା ପ୍ରମୁଖ ଯୋଗ ଦେଇ ପଞ୍ଚାୟତ ଓ ଓ୍ୱାର୍ଡରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିବା ସହିତ ଜନସାଧାରଣଙ୍କ ସହଯୋଗରେ ଏହି ସମସ୍ତ କାର୍ଯ୍ୟ ସର୍ବାଙ୍ଗ ସୁନ୍ଦର ହୋଇପାରିଛି ବୋଲି ମତବ୍ୟକ୍ତ କରିଥିଲେ। ଏହାସହିତ ଆସନ୍ତା ଦିନରେ ବାକି ଥିବା କାର୍ଯ୍ୟ ଗୁଡ଼ିକ ଜନସାଧାରଣଙ୍କ ସହଭାଗିତାରେ ସମ୍ପୂର୍ଣ୍ଣ କରାଯିବ ବୋଲି ମତବ୍ୟକ୍ତ କରିଥିଲେ। ନାଏବ ସରପଞ୍ଚ ରାଜେନ୍ଦ୍ର କର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲାବେଳେ ପଞ୍ଚାୟତ ସମିତି ସଦସ୍ୟା ସନ୍ଧ୍ୟାରାଣୀ ଜେନା କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମନୋଜ ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ ସ୍କୁଲ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆକର୍ଷଣୀୟ ନୃତ୍ୟ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଲୋକକଳା ସଂଘର ସଦସ୍ୟ ମାନେ ଭଜନ କୀର୍ତ୍ତନ ପରିବେଷଣ କରିଥିଲେ। ଏଥିରେ ପଞ୍ଚାୟତର ସମସ୍ତ ୱାର୍ଡସଭ୍ୟ, ମିଶନ ଶକ୍ତି ସିଆରପି, ଏମବିକେ, ବ୍ୟାଙ୍କ ମିତ୍ର, ପ୍ରାଣୀମିତ୍ର, କୃଷିମିତ୍ର, ଗାଁ ସାଥୀଙ୍କ ସମେତ ସମସ୍ତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ଓ ବହୁ ସଂଖ୍ୟାର ମହିଳା ଓ ପୁରୁଷ ଅଂଶଗ୍ରହଣ କରିଥିଲେ।

## ଦେଶୀମଦ ଜବତ, ୩ ଗିରଫ

ସୋର, ୮।୨(ସମିସ): ସୋର ଅବକାରୀ ବିଭାଗ ତରଫରୁ ନୂଆଗାଁ ଏବଂ ମୁଳିଶିଁ ଗ୍ରାମରେ ଚଢ଼ଉ କରି ଦେଶୀମଦ ଜବତ କରିଥିବା ବେଳେ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୋର ଆଦର୍ଶ ଅବକାରୀ ଥାନା ଅଧିକାରୀ ସନ୍ତୋଷ ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ୍ ଦହିସଡା ପଞ୍ଚାୟତ ନୂଆଗାଁ ଗ୍ରାମର କୈଳାସ ଜେନା ନିକଟରୁ ୩୮ ଲିଟର ଦେଶୀମଦ, ମୁଳିଶିଁ ବଗିଚା ଗ୍ରାମର ସୁବୁରି ଭକ୍ତା ନିକଟରୁ ୩୨ ଲିଟର ଦେଶୀମଦ ଏବଂ ମୂଳିସିଂ ଗ୍ରାମର ସୁମତି ବେହେରା ନିକଟରୁ ୩୨ ଲିଟର ଦେଶୀମଦ ଜବତ କରିବା ସହିତ ସମସ୍ତଙ୍କୁ ଗିରଫ କରିଥିଲେ। ଅପରାହ୍ନରେ ସୋର ଡାକ୍ତରଖାନାରେ ସମସ୍ତଙ୍କ ଡାକ୍ତରୀ ମାଇନା ପରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ଉରେ ଏଏସଆଇ ମିନତୀ ଜେନା, କନଷ୍ଟେବଲ ଶଶୀକାନ୍ତ ସାହୁ, ଗଣେଷ ସିଂ, ରଜନୀକାନ୍ତ ସାହୁ ଓ କାଜଲ ପ୍ରିୟଦର୍ଶିନୀ ପ୍ରମୁଖ ସାମିଲ ହୋଇଥିଲେ।

## କାଲାମ ହାୟର ସେକେଣ୍ଡାରୀ ସ୍କୁଲର ସପ୍ତମ ବାର୍ଷିକ ଉତ୍ସବ




ସୋର, ୮।୨(ସମିସ): ସୋର କାଲାମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସପ୍ତମ ବାର୍ଷିକ ଉତ୍ସବରେ ବିଦ୍ୟାଳୟ ଚେୟାରମ୍ୟାନ ଶ୍ରୀମାନ ଶ୍ରୀ ଚନ୍ଦନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ମୁଖ୍ୟଅତିଥି ଭାବେ ଡା. ଚୌଧୁରୀ ସତ୍ୟବ୍ରତ ନନ୍ଦ, ମୁଖ୍ୟବକ୍ତା ଭାବେ ଏସ୍.କେ ଗ୍ୟାସ୍‌ଉଦ୍ଦିନ୍, ସମ୍ମାନିତ ଅତିଥି ଭାବେ ବିଜୟ ମହାପାତ୍ର, ମିହିର ମହାନ୍ତି ଏବଂ ଆମ ନ୍ୟୁଜ୍‌ର ଚେୟାରମ୍ୟାନ୍ ବିପ୍ଳବ କୁମାର ମହାନ୍ତି ଯୋଗଦାନ କରି ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଦାୟିବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଭାରପ୍ରାପ୍ତ ଅଧ୍ୟକ୍ଷ ରାଜେଶ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରଶାସନିକ ଅଧିକାରୀ ମଦନମୋହନ ଦାଶ ଧନ୍ୟବାଦ୍ ଅର୍ପଣ କରିଥିଲେ। ସ୍କୁଲର ଅଧ୍ୟାପିକା ବନ୍ଦନା ବିଶ୍ୱାଳ, ରଶ୍ମିତା ସାହୁ, କର୍ମଚାରୀ ଜିତେନ୍ଦ୍ର ତାରିଣୀଆ, ଜଳଧର ବେହେରା, ରଜତ ପଣ୍ଡା ଓ ଭାଗୀରଥି ପଣ୍ଡା ଓ ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ। ସର୍ବଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଦିବ୍ୟାଙ୍ଗ ସମାଜସେବୀଙ୍କୁ ଦେଶରତ୍ନ ସମ୍ମାନ

ସୋର, ୮।୨(ସମିସ): ଦିଲ୍ଲୀସ୍ଥିତ ଭାରତୀୟଯୁବ ୱେଲଫେୟାର ଆସୋସିଏସନ ତରଫରୁ ଆୟୋଜିତ ସଂସ୍କୃତିକ ସଭା ଓ ସମ୍ବର୍ଦ୍ଧନା ଉତ୍ସବରେ ବାଲେଶ୍ୱର ଜିଲ୍ଲା ସୋରରେ ଥିବା ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ମାନବ ଉତ୍ଥାନ ସେବା ସଂସ୍ଥାନର ସଭାପତି ତଥା ବିଶିଷ୍ଟ ସମାଜସେବୀ ଜୟନ୍ତ ପ୍ରଧାନଙ୍କୁ 'ଦେଶରତ୍ନ' ଉପାଧିରେ ସମ୍ମାନିତ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଭାରତର ବିଭିନ୍ନ ରାଜ୍ୟରୁ ଆସିଥିବା ସମାଜରେ ବହୁ ବର୍ଗରେ ସମାଜସେବା କରୁଥିବା ବ୍ୟକ୍ତିତ୍ୱମାନଙ୍କୁ ସମ୍ମାନିତ କରାଯାଇଥିବା ବେଳେ ଓଡ଼ିଶାରୁ ଏକମାତ୍ର ଆଦର୍ଶ ସମାଜସେବୀ ଭାବରେ ଦିବ୍ୟାଙ୍ଗମାନଙ୍କ ଉଦ୍ଦେଶ୍ୟରେ ଅନବରତ ଦୀର୍ଘ ବର୍ଷ ଧରି ସେବା ଯୋଗାଇ ଆସୁଥିବାରୁ ଶ୍ରୀ ପ୍ରଧାନଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ସମ୍ମାନ ପାଇବା ପରେ ବାଲେଶ୍ୱର ଜିଲ୍ଲାର ଦିବ୍ୟାଙ୍ଗମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳି ଯାଇଛି। ପୁରପଲ୍ଲୀରେ ସେବାକୁ ବ୍ରତ ଭାବରେ ଗ୍ରହଣ କରି ଶ୍ରୀ ପ୍ରଧାନ ନିଜେ ଦିବ୍ୟାଙ୍ଗ ହୋଇ ସୁଦ୍ଧା ଦୀର୍ଘ ବର୍ଷହେଲା ଦିବ୍ୟାଙ୍ଗମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି।

## ଜିଲ୍ଲାସ୍ତରୀୟ ଏସ୍‌ଇଏମ୍ ମହାସଂଘର ବୈଠକ



ଜଳେଶ୍ୱର ବ୍ଲକ, ୮।୨ (ସମିସ) : ଜିଲ୍ଲାସ୍ତରୀୟ ଏସଇଏମ ମହାସଂଘ ବାଲେଶ୍ୱର ଆହ୍ୱାନ କ୍ରମେ ଜିଲ୍ଲାର ବିଭିନ୍ନ ସମସ୍ୟା ସମ୍ପର୍କରେ ଏକ ବୈଠକ ଜଳେଶ୍ୱର କାଳୀମନ୍ଦିର ସଭା କକ୍ଷରେ ଭୋଗରାଇ ବ୍ଲକ ସଭାପତି ପ୍ରଶାନ୍ତ କୁମାର ମାଝିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଜିଲ୍ଲାର ୯ଟି ବ୍ଲକରୁ ୧୦୦ରୁ ଉର୍ଦ୍ଧ୍ୱ ଏସଇଏମ ଓ ପମ୍ପ ଡ୍ରାଇଭର ମାନେ ଉପସ୍ଥିତ ହୋଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ରାଜ୍ୟ ମହାସଂଘର ସଦସ୍ୟ ମନ୍ମଥ କୁମାର ଘୋଷ ଉପସ୍ଥିତ ହୋଇ ଓଡ଼ିଶା ସରକାରଙ୍କ ଉଚ୍ଚସ୍ତରୀୟ କମିଟି ପଞ୍ଚାୟତ ରାଜ ବିଭାଗ ଗତ ୩୦ ତାରିଖ ଦିନ ଭୁବନେଶ୍ୱର ସ୍ଥିତ ଲୋକପାଳ ଭବନରେ ବସିଥିବା ବେଳେ ଏସ.ଇ.ଏମ ମହାସଂଘର ରାଜ୍ୟ କର୍ମକର୍ତ୍ତାଙ୍କୁ ନିମନ୍ତ୍ରଣ କରିଥିଲେ। ଉକ୍ତ ଉଚ୍ଚ ସ୍ତରୀୟ ବୈଠକରେ ଏସଇଏମ୍ ଓ ପମ୍ପ ଡ୍ରାଇଭର ମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରା ଯାଇଥିଲା। ସେଥିରେ ସମସ୍ତ ସମସ୍ୟା ସମାଧାନ କରିବା ସହିତ ଓଡ଼ିଶା ସରକାର ଖୁବ୍‌ଶୀଘ୍ର ଏସଇଏମ ଓ ପମ୍ପ ଡ୍ରାଇଭର ମାନଙ୍କୁ ସରକାରୀ ମାନ୍ୟତା ସହ ଦରମା ପ୍ରଦାନ ଘୋଷଣା କରିବେ ବୋଲି ମହାସଂଘ ପକ୍ଷରୁ ସୂଚନା ଦିଆ ଯାଇଥିଲା। ଏହି ବୈଠକରେ ଜଳେଶ୍ୱର, ଭୋଗରାଇ, ବାଲିଆପାଳ, ବାଲେଶ୍ୱର ସଦର, ସୋର, ବାହାନଗା, ଖଇରା, ରେମୁଣା ଓ ଔପଦା ଆଦି ବ୍ଲକରୁ ଶରତ କୁମାର ଦାସ, ବସନ୍ତ ଦଳାଇ, ଚକ୍ରଧର ଜେନା, ପ୍ରଶାନ୍ତ ମାଝି, ସୁବାସ ଗିରି, ବରେନ୍ଦ୍ର ନାଥ ପ୍ରଧାନ, ସରୋଜ ଦାସ, ଯୋଗେଶ ମହାପାତ୍ର, ଶ୍ରୁରତି ପାତ୍ର, ବନମାଳି ବେହେରା, କାହ୍ନୁ ଚରଣ କୁଅଁର, ଅଜୟ କୁମାର ଦାସ, କାର୍ତ୍ତିକ ସାସମାଲ୍, ତ୍ରିଲୋଚନ ନାୟକ, ଡମ୍ବର କୁଅଁର, ସୁଶାନ୍ତ ପାଣିଗ୍ରାହୀ ପ୍ରମୁଖ ବିଭିନ୍ନ ବ୍ଲକ ସଭାପତି ସମ୍ପାଦକ ଓ ପ୍ରାୟ ୧୦୦ରୁ ଅଧିକ ଏସଇଏମ ଓ ପମ୍ପ ଡ୍ରାଇଭର ଉପସ୍ଥିତ ଥିଲେ। ଆଗାମୀ ଦିନରେ ସଂଘକୁ ଅଧିକ ସୁଦୃଢ଼ କରାଯିବ ବୋଲି ଜିଲ୍ଲା ସଭାପତି ଶରତ କୁମାର ଦାସ ଓ ରାଜ୍ୟ ମହାସଂଘ ସଦସ୍ୟ ମନ୍ମଥ କୁମାର ଘୋଷ ସୂଚନା ଦେବା ସହ ସମସ୍ତଙ୍କୁ ଏକ ହେବାକୁ ପରାମର୍ଶ ଦେଇଥିଲେ। ଜଳେଶ୍ୱର ସଂଘର ମାନସ ଦେ, ରଘୁନାଥ ରାଜ, ଶ୍ରୀଧର ବେହେରା, ବୀର କିଶୋର ରାଉତ୍, କେଦାର ନାଥ ଜେନା, ଜୟନ୍ତ ମହାନ୍ତି, କେଦାର ନାଥ ପ୍ରଧାନ, ସୁମିତ୍ରା ଦଳେଇ, ବେବି ରାଣୀ ସାମଲ, ସୁବ୍ରତ ପଣ୍ଡା, ଭଗିରଥ ପାଳ, ଲକ୍ଷ୍ମୀପ୍ରିୟା ଘୋଷ ଓ ମହେନ୍ଦ୍ର ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ।

## ଚାଷୀଙ୍କୁ ମୁଗବିହନ ସହିତ ଜୈବିକ ସାର ବର୍ଣ୍ଟନ



ବଳରାମପୁର, ୮।୨(ସମିସ): ଧାନ ଚାଷ ପରେ ଅବଶିଷ୍ଟ ପଡ଼ିଆ ରହୁଥିବା ଜମିରେ ଫସଲର ଆଦ୍ରତା ବୃଦ୍ଧି ପାଇଁ ସହଳ ଡାଲି ଜାତୀୟ ଫସଲ ଉପଯୋଗ ହେଉଥିବାରୁ ଏବେ ଚାଷୀଙ୍କୁ ବିହନ ସହିତ ଜୈବିକ ସାର ଔଷଧ ବର୍ଣ୍ଟନ ହୋଇଛି। ଗୁରୁବାର ଦିନ ମଧୁପୁରା ଗ୍ରାମ ପଞ୍ଚାୟତରେ ବିଭିନ୍ନ ଗ୍ରାମରୁ ଆସିଥିବା ଡାଲି ଜାତୀୟ ଫସଲ ପାଇଁ ଇଚ୍ଛୁକ ଥିବା ଚାଷୀ ମାନଙ୍କୁ ଆବଶ୍ୟକୀୟ ମୁଗ ବିହନ ବିତରଣ କରାଯାଇଛି। ଓଡ଼ିଶା ସରକାର, ଇରି ଓ ଇଣ୍ଟରନେସନାଲ ସେଣ୍ଟର ଫର ଏଗ୍ରିକଲଚର ରିସର୍ଚ୍ଚ ରନ ଡ୍ରାଏ ଏରିଆ ମିଳିତ ଉଦ୍ୟମରେ କରାଯାଇଥିବା ଡାଲି ଜାତୀୟ ଫସଲର ଅଧିକ ଅମଳ କ୍ଷମ, ରୋଗ ପ୍ରତିରୋଧକ ସଅଳ ଅବଧି ବିରାଟ କିସମର ମୁଗ ଯୋଗାଇ ଦିଆଯାଇଛି। ବ୍ଲକ କୃଷି ଅଧିକାରୀ ରଞ୍ଜିତା ପାତ୍ର, ଜିଲ୍ଲା ସଂଯୋଜକ ଅରୁଣ କୁମାର ଦେ, ବ୍ଲକ ସଂଯୋଜକ ସନ୍ଧ୍ୟାରାଣୀ ଦାସ ଙ୍କ ଉପସ୍ଥିତିରେ ଚାଷୀଙ୍କୁ ବିହନ ବର୍ଣ୍ଟନ କରାଯାଇଥିଲା। ଏହା ବ୍ୟତୀତ ଗ୍ରାମ ରୋଜଗାର ସେବକ, ପଞ୍ଚାୟତ ସରପଞ୍ଚ ପ୍ରତିନିଧି ଲମ୍ବୋଦର ମହାନା, ବ୍ଲକ ସଦସ୍ୟ ସୁଶାନ୍ତ ସେଠୀ ଉପସ୍ଥିତ ରହି ସମସ୍ତ ଚାଷୀଙ୍କୁ ସୁଚାରୁରୂପେ ବିହନ ବର୍ଣ୍ଟନ କରିଥିଲେ। ସମସ୍ତ ଚାଷୀକୁ ଏକର ପିଛା ଚାରି କେଜି ହିସାବରେ ପଞ୍ଚାୟତର ୧୦୦ଜଣ ଚାଷୀଙ୍କୁ ମୁଗ ବିହନ ବର୍ଣ୍ଟନ କରାଯାଇଥିଲା।

● ମହିଳାଙ୍କ ଆନ୍ଦୋଳନ ପରେ ପ୍ରଶାସନର ତତ୍ପରତା

## ୩ ଚୋରା ମଦ ବେପାରୀ ଗିରଫ



ଭୋଗରାଇ/ଚୌକି ୮।୨ (ସମିସ) : ଦେଶୀ, ବିଦେଶୀ ଓ ପଶ୍ଚିମବଙ୍ଗ ଚୋରା ମଦ ବ୍ୟବସାୟର ହବ ପାଲଟିଛି ଭୋଗରାଇ। ଏଭଳି ସମୟରେ ଭୋଗରାଇ ଥାନା ଅନ୍ତର୍ଗତ ଥାନାଛକ -ଦେଉଳା ହାଟ ମୁଖ୍ୟ ରାସ୍ତା ପାର୍ଶ୍ୱ ସରସ୍ୱତୀପୁର ଆଦିବାସୀ ସାହିରେ ବେଧଡକ ଦେଶୀ ଓ ବିଦେଶୀ ମଦ ବ୍ୟବସାୟ ଚାଲିଛି। ଏହାକୁ ବନ୍ଦ କରିବା ଦାବିରେ ଗତ ୪ ତାରିଖ ରବିବାର ସ୍ଥାନୀୟ ମହିଳା ଗୋଷ୍ଠୀର ଶତାଧିକ ମହିଳା ଥାନାଛକ-ଦେଉଳା ହାଟ ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ପ୍ରତିଶ୍ରୁତି ମୁତାବକ ଗୁରୁବାର ସକାଳେ ଭୋଗରାଇ ଅବକାରୀ ଥାନା ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଜଳେଶ୍ୱର ଅବକାରୀ ଥାନା ଆଇଆଇସି କୃଷ୍ଣଚନ୍ଦ୍ର ପରିଡ଼ାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ ଭୋଗରାଇ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ରଞ୍ଜନ କୁମାର ଦାସ ଓ ଏଏସଆଇ ଦିଲ୍ଲୀପ କୁମାର ତ୍ରିପାଠୀ ସଦଳବଳେ ସମ୍ପୃକ୍ତ ଆଦିବାସୀ ସାହିରେ ଚଢ଼ଉ କରି ବିପୁଳ ପରିମାଣର ଦେଶୀ ଓ ବିଦେଶୀ ମଦ ଜବତ କରିବା ସହିତ ୨ ମହିଳା ଓ ଜଣେ ପୁରୁଷକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ୩ ଜଣ ଚୋରା ମଦ ବେପାରୀ ହେଲେ ସରସ୍ୱତୀପୁର ଆଦିବାସୀ ସାହିର ମଇନା ମାରାଣ୍ଡି, ଅନୀଲ ଟୁଡୁ ଓ ସାଲଗେ ବାସ୍କେ। ସେମାନଙ୍କ ଠାରୁ ସମୁଦାୟ ୫୭ ଲିଟର ଦେଶୀ ମଦ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନଙ୍କ ବିରୋଧରେ ପୃଥକ ମାମଲା ରୁଜୁ କରାଯାଇ ଭୋଗରାଇ ଗ୍ରାମ୍ୟ ନ୍ୟାୟାଳୟ/ଜେଏମଏଫସି ଅଦାଲତରେ ହାଜର କରାଯାଇଥିଲା ବେଳେ ସେମାନଙ୍କୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅବକାରୀ କନେଷ୍ଟବଳ ବାସୁଦେବ କାମିଳା, ସତ୍ୟବ୍ରତ ସାହୁ ଓ ସୌରଜିତ ନନ୍ଦଙ୍କ ସମେତ ଭୋଗରାଇ ଥାନା ପୁଲିସ ହୋମଗାର୍ଡ ଶାନ୍ତିଲତା ବାରିକ ପ୍ରମୁଖ ଏହି ଚଢ଼ାଉରେ ସାମିଲ ଥିଲେ।

ଅନ୍ୟପକ୍ଷରେ ସେହି ଆଦିବାସୀ ସାହିରେ ମଦ ବେପାର ବନ୍ଦ ନ ହେଲେ ଆଇନ ହାତକୁ ନେବା ସହ ଚୋରା ମଦ ବେପାରୀଙ୍କ ସମେତ ମଦ ପାଇଁ ଆସୁଥିବା ଲୋକଙ୍କୁ ଠେଙ୍ଗାରେ ସାବାଡ କରିବେ ବୋଲି ସ୍ଥାନୀୟ ମହିଳା ଗୋଷ୍ଠୀର ସଦସ୍ୟା ମାନେ ଚେତାବନୀ ଦେଇଛନ୍ତି।

ପଞ୍ଚାୟତ କଲ୍ୟାଣ ମଣ୍ଡପ ନିର୍ମାଣ ଯୋଜନା ଦିଗହରା

## କେଉଁଠି ଅଧାଗଢ଼ା, ଆଉ କେଉଁଠି ପାଲଟିଛି ଧାନ ଗୋଦାମ

ବସ୍ତା ବ୍ଲକ, ୮।୨ (ସମିସ) :

ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ମଧ୍ୟରୁ ପ୍ରତି ପଞ୍ଚାୟତ ରେ ଗୋଟିଏ ଲେଖାଏଁ କଲ୍ୟାଣ ମଣ୍ଡପ ନିର୍ମାଣ ଯୋଜନା ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ରେ ସଫଳ ରୂପାୟନ ହୋଇ ନ ଥିବା ଦେଖିବାକୁ ମିଳିଛି। ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ପରେ ବି କେଉଁଠି ଅଧା ଗଢା ମଣ୍ଡପ ଅସାମାଜିକଙ୍କ ଆଡ଼ାସ୍ଥଳୀ ପାଲଟିଛି ତ ଆଉ କେଉଁଠି ଧାନ ଗୋଦାମ ଭାବେ ବ୍ୟବହାର ହେଉ ଥିବା ଦେଖିବାକୁ ମିଳିଛି। ଆଗକୁ ବିବାହ ଋତୁ ଆସୁଥିବା ବେଳେ ଏହି ଯୋଜନା ସାଧାରଣ ଲୋକଙ୍କ ପାଇଁ କେତେ ଫଳପ୍ରଦ ହେବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ମିଳିଥିବା ସୂଚନା ଅନୁଯାୟୀ, ବସ୍ତା ବ୍ଲକ ରେ ରହିଛି ୩୧ ଟି ପଞ୍ଚାୟତ। ସେଥି ମଧ୍ୟରୁ ୧୭ ଟି ବସ୍ତା ଓ ୧୪ଟି ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ମଧ୍ୟରେ ରହିଛି।୨୦୧୫-୧୬ ଆର୍ଥିକ ବର୍ଷ ରୁ ବସ୍ତା ବ୍ଲକରେ କଲ୍ୟାଣ ମଣ୍ଡପ ଯୋଜନା କାର୍ଯ୍ୟ ଆରମ୍ଭ ହୋଇଛି। ଇତି ମଧ୍ୟରେ ଦୀର୍ଘ ୭ ବର୍ଷ ବିତି ଯାଇଥିଲେ ମଧ୍ୟ ୩୧ ପଞ୍ଚାୟତରୁ ମାତ୍ର ୧୭ ଟି ପଞ୍ଚାୟତ ରେ କଲ୍ୟାଣ ମଣ୍ଡପ ପାଇଁ ଅର୍ଥ ଅନୁମୋଦନ ହୋଇଛି।




ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବସ୍ତା ବ୍ଲକରେ ୧୪ ଟି ପଞ୍ଚାୟତ ମଧ୍ୟରୁ ୯ ଟି ଓ ବସ୍ତା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବସ୍ତା ବ୍ଲକ ରେ ୧୭ଟି ପଞ୍ଚାୟତ ମଧ୍ୟରୁ ୮ ଟି ପଞ୍ଚାୟତ ରେ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଅର୍ଥ ଅନୁମୋଦନ ହୋଇଛି। ସନ୍ତୋଷପୁର, ଭେଲୋରା, ବାହାର୍ଦ୍ଦା ପଞ୍ଚାୟତ ରେ କାର୍ଯ୍ୟ ଶେଷ ହୋଇଥିବା ବେଳେ ପାଉଁଶକୁଲି, ବରୁଣଗଡ଼ିଆ ପଞ୍ଚାୟତ ରେ ନିର୍ମାଣ ଓ ରଙ୍ଗ ସହ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ପାଣି ଓ ପାଇଖାନା ନ ଥିବାରୁ ଏହା ବ୍ୟବହାର ଯୋଗ୍ୟ ହେଉନାହିଁ। ଏହି ଦୁଇ କଲ୍ୟାଣ ମଣ୍ଡପ ରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ଆସିଛି। ଏନେଇ ପାଉଁଶ୍ କୁଲି ସରପଞ୍ଚ ଓ ବରୁଣ ଗଡ଼ିଆ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ ଏହା ତାଙ୍କ ସମୟରେ ହୋଇନଥିବା ପ୍ରକାଶ କରିଥିଲେ। ଅନ୍ୟପକ୍ଷେ ତାଡ଼ଦା, କୁଳିଦା, ନଟାକଟା, ମୁକୁଲିସି, ସଦାନନ୍ଦପୁର, ବାସୁଚକୁରି, ଗଡ଼ପଡ଼ା, ସାହାଡ଼ା, ପତ୍ରଝଡ଼ା ପଞ୍ଚାୟତରେ କାର୍ଯ୍ୟ ଅଧାପନ୍ତରିଆ ଭାବେ ପଡ଼ିଥିବାବେଳେ ପୁଟୁରା, କାଦରାଆଁ, ପୁରୁଷୋତ୍ତମପୁରରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ନାହିଁ ବୋଲ ସୂଚନା ମିଳିଛି। ଏହି କଲ୍ୟାଣ ମଣ୍ଡପ ନିର୍ମାଣ ହେଲେ ସାଧାରଣ ଲୋକ ବିବାହ ସହିତ ବିଭିନ୍ନ ମାଙ୍ଗଳିକ କାର୍ଯ୍ୟରେ କମ ଖର୍ଚ୍ଚରେ ମଣ୍ଡପ ପାଇ ପାରିବେ ତତ୍ ସହିତ ପଞ୍ଚାୟତ ର ମଧ୍ୟ ଆୟ ବଢ଼ିବା ଏହି ଯୋଜନା ର ଆଭିମୁଖ୍ୟ ରହିଥିଲା। ମାତ୍ର ଜିଲ୍ଲା ଓ ବ୍ଲକ ପ୍ରଶାସନ ର ଦୂରଦୃଷ୍ଟି ର ଅଭାବ ପାଇଁ ଏହି ଯୋଜନା କାର୍ଯ୍ୟକାରୀ ହୋଇ ପାରୁ ନଥିବା ସରପଞ୍ଚମାନେ ଅଭିଯୋଗ କରିଛନ୍ତି। କଲ୍ୟାଣ ମଣ୍ଡପ ବାବଦ ଅର୍ଥ ଆସୁନଥିବାରୁ ମଣ୍ଡପ ନିର୍ମାଣ ହୋଇ ପାରୁ ନଥିବା ବ୍ଲକ କାର୍ଯ୍ୟାଳୟ ରୁ ସୂଚନା ମିଳିଛି।ଏଥି ସହିତ ଅନେକ ପଞ୍ଚାୟତରେ ମଣ୍ଡପ ନିର୍ମାଣ ପାଇଁ ସଠିକ ଜାଗା ନିରୂପଣ ହୋଇପାରୁନାହିଁ ବୋଲି ମଣ୍ଡପ ନିର୍ମାଣରେ ବାଧକ ସାଜୁଥିବା କୁହାଯାଇଛି।

